# ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟ ତଦାରଖ କଲେ ବିଡିଓ

**ମଙ୍ଗଳପୁର/କୟାଁଗୋଲା,୩୦।୧(ସମିସ):** ବହୁ ବିବାଦରେ ଥିବା ଦୁବକଣ (କୟାଁ ଅଙ୍ଗନବାଡି-୨) ନୂତନ ଘର ନିର୍ମାଣ କାର୍ଯ୍ୟ ଚାଲୁଛି। ଦଶରଥପୁର ତହସିଲ କୟାଁ ପଞ୍ଚାୟତ ଦୁବକଣ ଗ୍ରାମର ଖାତା ନମ୍ବର ୧୪୧୮ ପ୍ଲଟ ନମ୍ବର ୬୨୬ ଜାଗା ଉପରେ ଏହି ଅଙ୍ଗନବାଡ଼ି ଗୃହ ନିର୍ମାଣ ହେଉଛି। ଏହାକୁ ଆଜି ଦଶରଥପୁର ବିଡ଼ିଓ ଆକାଶ ପଟ୍ଟନାୟକ ଓ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ରାସବିହାରୀ ଜେନା କାର୍ଯ୍ୟ ତଦାରଖ କରିଛନ୍ତି। ବିଡିଓ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟ ତଦାରଖରେ ଆସିଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ଭୁବନାନନ୍ଦ ନାୟକ, ଦାମୋଦର ନାୟକ, ପ୍ରଭାତ କୁମାର ନାୟକ, ଦେବଦତ୍ତ ନାୟକ, ଦେବବ୍ରତ ନାୟକ, ସୁବାସ ମଲ୍ଲିକ, ଶଶଧର ସାମଲ, ଜୟପ୍ରକାଶ ନାୟକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଏଥିସହ ନିର୍ମାଣଧୀନ ଅଙ୍ଗନବାଡି ଘରକୁ ଲାଗି ଏକ ବିପଦପୂର୍ଣ୍ଣ ଚାକୁଣ୍ଡା ଗଛ ଥିବାରୁ ଉକ୍ତ ଗଛଟିକୁ କିପରି ଘର ନିକଟରୁ କଟାଯାଇ କୋମଳମତି ଶିଶୁମାନଙ୍କୁ ବିପଦରୁ ରକ୍ଷା କରାଯାଇ ପାରିବ ସେ ଦିଗରେ ପଦକ୍ଷପ ନେବାକୁ ବିଡ଼ିଓଙ୍କ ନିକଟରେ ଗ୍ରାମବାସୀ ଦାବି କରିଥିଲେ। ଏହାସହ ଅଙ୍ଗନବାଡି କେନ୍ଦ୍ରଟି ଗୃହ ଓ ପୂର୍ତ୍ତ ବିଭାଗ ରାସ୍ତା କଡ଼ରେ ହୋଇଥିବାରୁ ସବୁବେଳେ ଗାଡି ମଟର ଯାଉଥିବାରୁ ଖୁବଶୀଘ୍ର ଅଙ୍ଗନବାଡି ଘର ଚାରିପାଖରେ ପାଚେରି ର୍ମାଣ କିପରି ହୋଇପାରିବ ସେ ଦିଗରେ ବିଡିଓ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଥିଲେ।



# ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ



**ଦଶରଥପୁର,୩୦।୧(ସମିସ):** ଦଶରଥପୁର ବ୍ଲକ ଝାଡ଼ଙ୍ଗା ଆଞ୍ଚଳିକ ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ ସଭାପତି ଧନଞ୍ଜୟ କେଶରୀ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟଅତିଥି ଭାବେ ଅବରସପ୍ରାପ୍ତ ପୁଲିସ୍ ପ୍ରଶାସକ ଗଦାଧର ରାଉତ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ବରିଷ୍ଠ ନାଗରିକ ସଂଘର ସହସମ୍ପାଦକ ବୃନ୍ଦାବନ ମିଶ୍ର, ଅବସରପ୍ରାପ୍ତ କର୍ମଚାରୀ ସଂଘର ସହ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଓ ପ୍ରଶାନ୍ତ ନାୟକ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ନାଗରିକ ମାନଙ୍କୁ ବରିଷ୍ଠ ନାଗରିକ କାର୍ଡ ପ୍ରଦାନ କରାଯାଇଥିଲା। ଅଦୈତି ପ୍ରସାଦ ସାହୁ, ଅର୍ସଦ ଅଲ୍ଲି ଖାଁଙ୍କୁ ବରିଷ୍ଠ ନାଗରିକ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଥିଲା। ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ମହାନ୍ତି ବରିଷ୍ଠ ନାଗରିକ ମାନଙ୍କର ଅଭାବ ଅସୁବିଧା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟମରେ ରଘୁନାଥ ପଢ଼ିହାରୀ, ସଚ୍ଚିଦା ନନ୍ଦ ସାମଲ, ଅକ୍ଷୟ କୁମାର ମଲ୍ଲିକ, ଫକୀର ଚରଣ ରାଉତରାୟ, ସମ୍ପାଦକ ସଚ୍ଚିତାନନ୍ଦ ସାମଲ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ ନାଗରିକ ସଦସ୍ୟ ରାମଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ।

# ଧର୍ମଶାଳାରେ ଗଡ଼ିଲା ବାଲ୍ୟ ବିବାହ ମୁକ୍ତ ଭାରତ ରଥ




**ଧର୍ମଶାଳା,୩୦।୧(ସମିସ):** ଧର୍ମଶାଳା ବ୍ଲକ ପ୍ରଶସନ ପକ୍ଷରୁ ବାଲ୍ୟ ବିବାହ ଉପରେ ସାଧାରଣ ଲୋକମାନଙ୍କୁ ସଚେତନ କରିବା ପାଇଁ ଆଜି ଅପରାହ୍ନରେ ବ୍ଲକ ପରିସରରୁ ବାଲ୍ୟ ବିବାହ ମୁକ୍ତ ଭାରତ ରଥ ପରିକ୍ରମା ଶୁଭାରମ୍ଭ କରାଯାଇଛି। ଭାରତ ମହିଳା ଓ ଶିଶୁ ସଶକ୍ତି କରଣ ମନ୍ତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବାଲ ବିବାହ ସଚେତନା ରଥ ଗତ ୨୦୨୪ ନବେମ୍ବର ୨୭ ତାରିଖରୁ ଦେଶ ବ୍ୟାପି ଆରମ୍ଭ କରାଯାଇଛି। ଏହିପରିପ୍ରେକ୍ଷୀରେ ସାଧାରଣ ଲୋକଙ୍କୁ ବାଲ ବିବାହ ନିରୋଧ ସମ୍ପର୍କରେ ସଚେତନତା କରିବା ପାଇଁ ଧର୍ମଶାଳା ବ୍ଲକ ପ୍ରଶାସନ ପକ୍ଷରୁ ଆଜି ଏହି ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ଆଜି ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର, ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ଏବିଡିଓ ସୁରେଷ ଚନ୍ଦ୍ର ପଣ୍ଡା, ସିଡ୍ଡୁସିର ଅଧ୍ୟକ୍ଷା ରେକସୋନା ଜେନା, ସିଡିପିଓ ସ୍ୱର୍ଣ୍ଣରେଖା ବେହେରା ପ୍ରମୁଖ ଉପସ୍ଥିତ ରହି ସଚେତନା ରଥକୁ ପତକା ହଲାଇ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସ୍ତରୀୟ ଜନପ୍ରତିନିଧି, ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ। ବାଲ୍ୟ ବିବାହ ନିରୋଧ ଆଇନ ସମ୍ପର୍କରେ ସାଧାରଣ ଲୋକମାନଙ୍କୁ ସଚେତନା କରିବା ପାଇଁ ଏହି ରଥ ବ୍ଲକର ସମସ୍ତ ୪୫ ଗୋଟି ପଞ୍ଚାୟତ ପରିକ୍ରମା କରିବ ବୋଲି ବିଡିଓ ଶ୍ରୀ କର ସୂଚନା ଦେଇଛନ୍ତି।

# ବାଲି ହାଇୱା ଜବତ

**ପାଣିକୋଇଲି,୩୦।୧(ସମିସ):** ଯାଜପୁର ଖଣି ବିଭାଗ ପକ୍ଷରୁ ବେଆଇନ ବାଲି ହାଇୱା ଉପରେ ଚଢ଼ଉ କରାଯାଉଛି। ଏହି କ୍ରମରେ ସଠିପୁର ଠାରୁ ଏକ ବାଲି ହାଇୱାକୁ (ଓଡି୨୨ ଏଏ ୫୨୧୬) ଖଣି ବିଭାଗ ଯାଞ୍ଚ କରିଥିଲା। ଉକ୍ତ ବାଲି ବୋଝେଇ ହାଇୱାଟି ବାଲିର କୌଣସି କାଗଜାଦି ଦେଖାଇ ନ ପାରିବାରୁ ଖଣି ଅଧିକାରୀ ଏହାକୁ ପାଣିକୋଇଲି ପୁଲିସ ଜିମା ଦେଇଥିବା ଜଣାପଡିଛି।

## ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା

# ବନ୍ଦ ରହିବ ସହରର ସବୁ ପ୍ରବେଶପଥ

**ଯାଜପୁର,୩୦।୧(ସମିସ):**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଫେବୃଆରୀ ୩ ତାରିଖରେ ଯାଜପୁର ମା' ବିରଜା ମନ୍ଦିର ଦର୍ଶନ ଏବଂ ନାଭିଗୟାରେ ପିଣ୍ଡଦାନ ପାଇଁ ଆସୁଛନ୍ତି। ରାଷ୍ଟ୍ରପତି ଏବଂ ଭିଭିଆଇପିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି। ଏହି କ୍ରମରେ ଫେବୃଆରୀ ୩ ତାରିଖ ଦିନ ଯାଜପୁରର ବିଭିନ୍ନ ମାର୍ଗରେ ଯାନବାହନ ଚଳାଚଳ ଉପରେ ନିଷେଧାଦେଶ ଜାରି କରାଯାଇଛି। ବିଞ୍ଝାରପୁର ଆଡ଼ୁ ଯେଉଁ ଯାନବାହନଗୁଡିକ କଟକ ଯିବେ, ସେହି ଗାଡ଼ିସବୁ ରସିକ ଛକରୁ ଅଳକୁଣ୍ଡ, ପ୍ରୀତିପୁର ଭାୟା ରାମବାଗ ଛକରେ ବାହାରି ରିଙ୍ଗରୋଡ୍ ଓ ମାନସାପୋଲ ରାସ୍ତା ଦେଇ କୁଆଖିଆ ଓ ଷଠିପୁର ଯିବେ। ଦୁଇଚକିଆ, ତିନିଚକିଆ ଯାନ ମଙ୍ଗଳା ମନ୍ଦିର ଯାଉଁଳି ବନ୍ଧଠାରୁ ପ୍ରହରାଜପୁର ଦେଇ ସୁନଦୁରାଇମୁହଁରେ ନଦୀବନ୍ଧ ରାସ୍ତାକୁ ପହଞ୍ଚିବେ। ସେହିପରି କଟକରୁ ଆସୁଥିବା ଯାନବାହନ ରିଙ୍ଗରୋଡ୍ ଦେଇ ରାମବାଗ ଛକରୁ ପ୍ରୀତିପୁର ଅଳକୁଣ୍ଡ ଦେଇ ବିଞ୍ଝାରପୁର ଯିବେ। ଦୁଇଚକିଆ, ତିନିଚକିଆ ଯାନ ସୁନଦୁରାଇମୁହଁ ମଙ୍ଗଳା ମନ୍ଦିରଠାରୁ ପ୍ରହରାଜପୁର ଦେଇ ମଙ୍ଗଳା ମନ୍ଦିରରେ ପହଞ୍ଚିବେ। ଷଠିପୁରରୁ ଆସୁଥିବା ଯେଉଁ ଯାନବାହାନ ବିଞ୍ଝାରପୁର ଯିବେ, ସେମାନେ ଡକ୍ ଛକ କିଲ୍ଲା ଛକ ରିଙ୍ଗରୋଡ୍ ଦେଇ ରାମବାଗ ଛକରୁ ପ୍ରୀତିପୁର ଅଳକୁଣ୍ଡ ଦେଇ ବିଞ୍ଝାରପୁର ଯିବେ। ଗରିଆପୁର ଛକରୁ କୌଣସି ଯାନବାହନ ଯୋଡ଼ିକୂଅ ପଟକୁ ଛଡ଼ାଯିବ ନାହିଁ। ମହାବୀର ଛକରୁ ଟିଭିଏସ୍ ଛକ ଦେଇ କୌଣସି ଯାନବାହନ ଯୋଡ଼ିକୂଅ ପଟକୁ ଛଡାଯିବ ନାହିଁ। ମହିଳା କଲେଜ ଛକରୁ କୌଣସି ଯାନବାହନ କୁସୁମା ପଟକୁ ଛଡାଯିବ ନାହିଁ। ମଙ୍ଗଳା ମନ୍ଦିର ଛକରେ ସମସ୍ତ ଗାଡ଼ିକୁ ଅଟକାଇ ଦିଆଯିବ। ବିରଜା ହାଇସ୍କୁଲ ଛକରୁ କୌଣସି ଯାନବାହନ ମନ୍ଦିର ପଟକୁ ଛଡାଯିବ ନାହିଁ। ସେହିଭଳି ଯୋଡ଼ିକୂଅ ଛକରୁ ବିରଜା ମନ୍ଦିର ପର୍ଯ୍ୟନ୍ତ ଯେତେ ସବୁ ଗଳି ରାସ୍ତା ଅଛି, ସେସବୁ ଗଳିରୁ କୌଣସି ଯାନବାହନ ମୁଖ୍ୟରାସ୍ତାକୁ ବାହାରିବେ ନାହିଁ। ସେମାନେ ସାହିର ଅନ୍ୟ ରାସ୍ତା ବ୍ୟବହାର କରିବେ। ବୈଦ୍ୟରାଜପୁର ପୋଲ ଛକରୁ କୌଣସି ଯାନବାହନ ଅଠରନଳା ଛକକୁ ଛଡାଯିବ ନାହିଁ। ଜନସାଧାରଣଙ୍କ ଅବଗତି ନିମନ୍ତେ ପୁଲିସ ପ୍ରଶାସନ ପକ୍ଷରୁ ଏହି ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦିଆଯାଇଛି।



## ମା' ବିରଜାଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ

ଯାଜପୁର: ଆସନ୍ତା ଫେବୃଆରି ୩ ତାରିଖ ଦିନ ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଯାଜପୁର ଜିଲ୍ଲା ଗସ୍ତରେ ଆସି ମା' ବିରଜାଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଉକ୍ତଦିନ ସକାଳ ୫.୩୦ରୁ ସର୍ବସାଧାରଣଙ୍କ ଦର୍ଶନ ବନ୍ଦ ରହିବ। ରାଷ୍ଟ୍ରପତିଙ୍କ ପ୍ରସ୍ଥାନ ପର୍ଯ୍ୟନ୍ତ ଏହି କଟକଣା ରହିବ ବୋଲି ବିରଜା ମନ୍ଦୀର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

## କିଡ୍‌ନୀ ରୋଗରେ ଆକ୍ରାନ୍ତ ରଘୁନାଥ

# ଚିକିତ୍ସା ପାଇଁ ଅର୍ଥାଭାବ ବାଧକ

**କୟାଁଗୋଲା,୩୦।୧(ସମିସ):** ସ୍ୱାମୀ ସଂସାରରେ ଇହ ଓ ପର କାଳର ଦେବତା ସଦୃଶ। ଜଣେ ନାରୀ ପାଇଁ ସିନ୍ଦୁର ଓ ସ୍ୱାମୀ ଏକାନ୍ତ ଆବଶ୍ୟକ। ହେଲେ ଏଭଳି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ପଞ୍ଚାୟତର ବରେଇଁ ଗ୍ରାମର ପ୍ରଭାତୀଙ୍କ କ୍ଷେତ୍ରରେ। ପ୍ରଭାତୀଙ୍କ ସ୍ୱାମୀ ରଘୁନାଥ ବେହେରା (୩୬) ଗାଁରେ ରହି ଦିନ ମଜୁରିଆ ଭାବେ ଖଟି ପରିବାର ପ୍ରତିପୋଷଣ କରିଆସୁଥିଲେ। ରଘୁନାଥଙ୍କ ଛୋଟ ପୁଅ ଓ ଗୋଟିଏ ଝିଅ ସହ ବୃଦ୍ଧ ବାପା ମା'କୁ ମିଶାଇ ୬ ପ୍ରାଣୀ କୁଟୁମ୍ବ। ରଘୁନାଥଙ୍କ ଖୁସିର ସଂସାରରେ ହଠାତ୍ ଦୁଃଖର କଳା ବାଦଲ ଘୋଟି ଆସିଲା। ଗତ ପ୍ରାୟ ୬ ମାସ ହେବ ରଘୁନାଥଙ୍କ ଦେହ ଖରାପ୍ ହେବାରୁ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଡାକ୍ତରଙ୍କ ପରାମର୍ଶ କରିବାରୁ ତାଙ୍କର ଦୁଇଟି କିଡ୍‌ନୀ ଫେଲ୍ ହୋଇଯାଇଛି ବୋଲି ଜଣାପଡିଥିଲା। ପ୍ରଭାତୀଙ୍କ ପାଖରେ ଯାହା କିଛି ଅର୍ଥ ଓ ଅନ୍ୟାନ୍ୟ ଜିନିଷ ଥିଲା ତାକୁ ବିକି ଭାଙ୍ଗି ଖର୍ଚ୍ଚ କରି ସାରିଲେଣି। ହେଲେ ଏହା ଫଳପ୍ରଦ ହୋଇପାରୁନାହିଁ। ଗୋଟିଏ ପଟେ ସ୍ୱାମୀଙ୍କ ଜୀବନ ରକ୍ଷା ପାଇଁ ପ୍ରଚୁର ଅର୍ଥର ଆବଶ୍ୟକ ଓ ଅନ୍ୟପଟେ ୬ ପ୍ରାଣୀ କୁଟୁମ୍ବଙ୍କ ପ୍ରତିଦିନ ଭରଣପୋଷଣ। ଏହି ଦୁଃଖରେ ପ୍ରଭାତୀଙ୍କ ଭାଙ୍ଗି ପଡ଼ିଛନ୍ତି। ଭଲ ହେବା ଲାଗି ଲକ୍ଷ ଲକ୍ଷ ଟଙ୍କା ଆବଶ୍ୟକ ହେଉଥିବା ବେଳେ ବନ୍ଧୁବାନ୍ଧବଙ୍କ କିଛି କିଛି ଅର୍ଥ ସହଯୋଗ କରିଛନ୍ତି। ହେଲେ ଏହି ଅର୍ଥ ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ। ଦିନକୁ ଦିନ ସ୍ୱାମୀଙ୍କ ସ୍ୱାସ୍ଥ୍ୟ ବିଗିଡ଼ିବାକୁ ବସିଲାଣି। ତାଙ୍କ ସ୍ୱାମୀଙ୍କ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ପ୍ରଭାତୀ ସରକାରଙ୍କ ପାଖରେ ଆକୁଳ ନିବେଦନ କରିଛନ୍ତି।



# ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା

**କୟାଁଗୋଲା,୩୦।୧(ସମିସ):** ଦଶରଥପୁର ବ୍ଲକ ଜୟନ୍ତରା ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷର ଦଶମ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବିଦାୟୀକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଛି। ପ୍ରଧାନ ଶିକ୍ଷକ ବିପିନ କୁମାର ରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ କମଳଲୋଚନ ବେହୁରିଆ, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ବିକାଶ ବାରିକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉତ୍ତୋରତର କାମନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ଦେବସ୍ମିତା ମହାରଣ୍ୟ, ରତ୍ନପର୍ଣ୍ଣା କୁଅଁର, ଜ୍ୟୋତିପ୍ରିୟା ଜେନା, ଶିକ୍ଷକ ସୁଶାନ୍ତ କୁମାର ସୁତାର, ଦେବବ୍ରତ ଦାସ, ଲକ୍ଷ୍ମୀଧର ବାରିକଙ୍କ ସହ ସୁକାନ୍ତ ସାମଲ, ଆଶୀର୍ବାଦ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ବରୁଆଁ ପାକ୍ସର ଧାନ ମଣ୍ଡି ଉଦ୍‌ଘାଟିତ

**ଯାଜପୁର,୩୦।୧(ସମିସ):** ଯାଜପୁର ବ୍ଲକ ମହେଶ୍ୱରପୁର, ଉପରବରୁଆଁ ଜମଧର ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବରୁଆଁ ପାକ୍ସ ପକ୍ଷରୁ ଚଳିତ ବର୍ଷର ଧାନ ମଣ୍ଡି ଶୁକ୍ରବାର ଦିନ ଖୋଲା ଯାଇଛି। ବରୁଆଁ କୃଷି ସେବା ସମବାୟ ସମିତି ସଭାପତି ବ୍ରଜକିଶୋର ପାତ୍ରୀଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବରେ ସରପଞ୍ଚ ସୁଜିତ ରାୟ, ବାଦଲ ଖୁଣ୍ଟିଆ, ବରୁଆଁ ସରପଞ୍ଚଙ୍କ ପ୍ରତିନିଧି ସେକ୍ ଗୋଲାମ ଅଲ୍ଲୀ, କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ବିଜୟ କୁମାର ଦଳାଇ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଇଥିଲା। ମଣ୍ଡିରେ ଚାଷୀ ଆର୍ତ୍ତତ୍ରାଣ ବଳ, ସୂର୍ଯ୍ୟମଣୀ ଜେନା, ନାରାୟଣ ରାଉତ, ପ୍ରଦୀପ ସେନାପତି, ପୂର୍ଣ୍ଣଚନ୍ଦ୍ର ଦଳାଇ, ଭାସ୍କର ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ନୋଡାଲ ଅଫିସର ଅମରେନ୍ଦ୍ର ସାହୁ, ସମ୍ପାଦକ ରାଜକିଶୋର ଦାସ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗ ବ୍ୟକ୍ତି ଠକାମିର ଶିକାର

**ଧର୍ମଶାଳା,୩୦।୧(ସମିସ):** ଧର୍ମଶାଳା ଥାନା ଭବାନୀପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଅଜାଣତରେ ସେହି ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ନାମରେ ଲୋନ ନେଇଯାଇଥିବା ନେଇ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ମୁତାବକ ଚାନ୍ଦପୁର ଗ୍ରାମର ସମ୍ବିତ ମୁଦୁଲି ନାମକ ଜଣେ ବ୍ୟକ୍ତି ଦୁର୍ଯ୍ୟୋଧନ ମଳିକଙ୍କୁ ସରକାରୀ ସହାୟତା ଯୋଗାଇଦେବା କହି ତାଙ୍କର ଆଧାର କାର୍ଡ, ବ୍ୟାଙ୍କ୍ ଖାତା, ଏଟିଏମ୍ କାର୍ଡ, ପ୍ୟାନ କାର୍ଡ ଭଳି କାଗଜ ପତ୍ର ପ୍ରସ୍ତୁତ କରି ତାଙ୍କ ନାମରେ ଲୋନ ରେ ଏକ ସ୍କୁଟି କିଣି ନେଇଥିବା ଅଭିଯୋଗ ହୋଇଛି। ଲୋନ୍ ଟଙ୍କା ନ ଦେଲେ ତାଙ୍କ ବିରୁଦ୍ଧରେ କେସ କରାଯିବ ବୋଲି ଘରୋଇ ଫାଇନାନ୍ସ କମ୍ପାନୀ ଲୋକେ ଧମକ ଦେଇଥିବା ନେଇ ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟ ପକ୍ଷରେ ସେ ଜଣେ ଅନଗ୍ରସର ବ୍ୟକ୍ତି ହୋଇଥିବା ବେଳେ ସାଇକେଲ ଚଳାଇବା ଶିଖି ନଥିବା ବେଳେ ସ୍କୁଟି ଗାଡି କିଣିବା ତାଙ୍କ ପକ୍ଷେ ଅସମ୍ଭବ ବୋଲି ସେ ଦର୍ଶାଇଛନ୍ତି। ତେବେ ଅଭିଯୋଗ ପାଇ ଧର୍ମଶାଳା ପୁଲିସ ଘଟଣା ସମ୍ପର୍କରେ ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ପାଣିକୋଇଲି,୩୦।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଞ୍ଚାୟତର ରଂଗରଂଗା ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗୀତା ମହାସମାରୋହରେ ପାଳିତ ହୋଇଚି। ପ୍ରଥମ ଦିବସରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ ମଶାଲ ଶୋଭାଯାତ୍ରା କରାଯାଇ ଶାନ୍ତିଶୃଙ୍ଖଳାର ସହିତ ପ୍ରତିଯୋଗୀତା ସମାପନ କରାଯିବାକୁ ଶପଥ ପାଠ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଲକ୍ଷ୍ମୀ ଦେହୁରୀ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଯୋଗୀତାର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସନ୍ତୋଷ କୁମାର ସାହୁ ପ୍ରତିଯୋଗୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରି ଉତ୍ସାହିତ କରିଥିଲେ। ବିଦ୍ୟାଳୟ ପକ୍ଷରୁ ରୋଜାଲିନୀ ନାୟକ, ପ୍ରିୟଙ୍କା ତପସ୍ୱନୀ ସାହୁ, ଦାଶରଥି କିସ୍କୁ, ଓ ସୁଧାଂଶୁଙ୍କର ବିଶ୍ୱାଳ, କ୍ରୀଡା ପ୍ରତିଯୋଗୀତାକୁ ପରିଚାଳନା କରିଥିଲେ। ବାଲ ବାଟିକାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୧୦୭ ଜଣ ଛାତ୍ରଛାତ୍ରୀ ତିନୋଟି ବିଭାଗରେ ବିଭକ୍ତ କରାଯାଇ ପ୍ରତିଯୋଗୀତା କରାଯାଇଥିଲା। କରଦା କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ସୁଶାନ୍ତ କୁମାର ମାଝୀ ଉପସ୍ଥିତ ରହି ଅଂଶଗ୍ରହଣୀକାରୀ ମାନଙ୍କୁ ଉଦବୋଧନ ପ୍ରଦାନ କରିଥିଲେ। ସର୍ବଶେଷରେ ଏକ ଭୋଜିର ଆୟୋଜନ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# 'ଜୀବକୋଷ ସଂରକ୍ଷଣ' ଆଲୋଚନାଚକ୍ର

**ବଡଚଣା,୩୦।୧(ସମିସ):** ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ "ଜୀବକୋଷ ସଗଂକ୍ଷଣ' ଶୀର୍ଷକ ଏକ ଆଲୋଚନାଚକ୍ର ବିଭାଗୀୟ ମୁଖ୍ୟ ଅଧ୍ୟାପିକା ରଞ୍ଜିତା ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା ଛାତ୍ରଛାତ୍ରୀଙ୍କୁ ଜୀବକୋଷ ସଂରକ୍ଷଣ ଗୁରୁତ୍ୱ କିପରି ଜୀବନର ସବୁ ଦିଗ ସହିତ ଜଡ଼ିତ ଏବଂ ଏହା ଦ୍ୱାରା କିଭଳି ଗବେଷଣା ଇତ୍ୟାଦି ସମ୍ଭବ ହୋଇପାରୁଛି ସେ ବିଷୟରେ ବର୍ଣ୍ଣନା କରିଥିଲେ। ବିଷୟ ବିଶେଷଜ୍ଞ ଭାବେ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ସରୋଜିନୀ ମିଶ୍ର ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଅଧ୍ୟାପିକା ରଞ୍ଜିତା ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ଇପ୍‌ସିତା ସାହୁ ବିଷୟ ବସ୍ତୁର ସଂକ୍ଷିପ୍ତ ଟିପ୍ପଣୀ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରଜ୍ଞା ପାରମିତା ସାହୁ ସ୍ୱଲିଖିତ ସନ୍ଦର୍ଭ ପାଠ କରିଥିଲେ। ଏହି ଆଲୋଚନାଚକ୍ରରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅଧ୍ୟାପିକା ଇପ୍‌ସିତା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।



# ଅଧ୍ୟାପକ ଭିକାରୀ ସାମଲଙ୍କୁ ସମ୍ବର୍ଦ୍ଧନା

**କୁଆଖିଆ,୩୦।୧(ସମିସ):** ରସୁଲପୁର ବ୍ଲକ କଳଣ ସ୍ଥିତ ମଧୁପୁର କଲେଜ ବିଜ୍ଞାନ ସମାଜ ଆନୁକୂଲ୍ୟରେ ବରିଷ୍ଠ ଅଧ୍ୟାପକ, ଶିକ୍ଷାବିତ୍ ତଥା ସମାଜସେବୀ ଡ. ଭିକାରୀ ଚରଣ ସାମଲଙ୍କୁ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା, ପ୍ରାକ୍ତନ ଛାତ୍ରଛାତ୍ରୀ ଓ କର୍ମଚାରୀ ମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଛି। ଆସନ୍ତାକାଲି ଅବସର ଗ୍ରହଣ କରିବାକୁ ଥିବା ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଭିକାରୀ ସାମଲଙ୍କ ସମ୍ମାନାର୍ଥେ କଲେଜ ସମ୍ମିଳନୀ ଗୃହରେ ଆୟୋଜିତ ସଭାରେ ବିଜ୍ଞାନ ସମାଜର ମୁଖ୍ୟ ଉପଦେଷ୍ଟା ତଥା ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ବିନୟ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। କଲେଜର ଅଧ୍ୟକ୍ଷ ପ୍ରଦୀପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

# ନୂଆହାଟ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ

**କୁଆଖିଆ,୩୦।୧(ସମିସ):**

ରସୁଲପୁର ବ୍ଲକ ଅନ୍ତର୍ଗତ କଳଣ ପଞ୍ଚାୟତ ନୂଆହାଟ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖାଦେଇଛି। ଏହାକୁ ବିରୋଧ କରି ଗୁରୁବାର ଫାଟକରେ ତାଲା ପକାଇ ବିଦ୍ୟାର୍ଥୀ ଓ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଶିକ୍ଷକ ଅଭାବ ପୂରଣ ନ ହେବା ଯାଏଁ ବିଦ୍ୟାଳୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଅଭିଭାବକମାନେ ଜିଦ୍ ଧରିଥିଲେ। ଏ ସଂପର୍କରେ ଖବର ପାଇ ଆଞ୍ଚଳିକ ସାଧାନ କେନ୍ଦ୍ର ସଂଯୋଜକ (ସିଆର୍‌ସିସି) ପ୍ରଭାତ ନାଥ ବିଦ୍ୟାଳୟରେ ପହଞ୍ଚି ଧାରଣାରେ ବସିଥିବା ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ଅଭିଭାବକ ମାନଙ୍କର ଦାବି ଅତ୍ୟନ୍ତ ଗ୍ରହଣୀୟ ଓ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏ ସଂପର୍କରେ ସିଆର୍‌ସିସି ସୁଲପୁର ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିଲେ। ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜଣେ ଶିକ୍ଷକ ବିଦ୍ୟାଳୟରେ ଯୋଗଦେଇଥିଲେ। ଆଉ ଜଣେ ଶିକ୍ଷକ ବିଦ୍ୟାଳୟକୁ ତୁରନ୍ତ ପ୍ରଦାନ କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଘଟଣାରୁ ପ୍ରକାଶ ଯେ ଏହି ବିଦ୍ୟାଳୟରେ ୧ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୫ଗୋଟି କକ୍ଷରେ ୧୬୧ଜଣ ପିଲା ପାଠ ପଢୁଛନ୍ତି। ନିୟମାନୁଯାଇ ୩୦ଜଣ ପିଲା ହାରରେ ଜଣେ ଶିକ୍ଷକ ବିଦ୍ୟାଳୟରେ ନିଯୁକ୍ତି ପାଇବା ଆଧାରରେ ବିଦ୍ୟାଳୟରେ ଅତିକମ୍‌ରେ ୫ରୁ ୬ଜଣ ଶିକ୍ଷକ କାର୍ଯ୍ୟ କରିବା କଥା। ଏଠାରେ ଆଗରୁ ୬ଜଣ ଶିକ୍ଷକ କାର୍ଯ୍ୟ କରୁଥିଲେ। ସେମାନଙ୍କ ମଧ୍ୟରୁ ୪ଜଣ ଶିକ୍ଷକଙ୍କୁ ୧୦ବର୍ଷରୁ ଉର୍ଦ୍ଧ କାର୍ଯ୍ୟକରିବା ଆଧାରରେ ଅନ୍ୟତ୍ର ବଦଳି କରାଯାଇଛି। ଆଉମାତ୍ର ୨ଜଣ ଶିକ୍ଷକଙ୍କୁ ନେଇ ଶିକ୍ଷାଦାନ କରାଯାଉଛି। ୫ଗୋଟି ଶ୍ରେଣୀକୁ ୨ଜଣ ଶିକ୍ଷକ ପରିଚାଳନା କରିବା କଷ୍ଟକର ହୋଇପଡୁଛି। ଗଲା କେଇଦିନ ହେବ ବିଦ୍ୟାଳୟରେ ପାଠପଢ଼ା ସଂପୂର୍ଣ୍ଣ ଠପ୍ ହୋଇଯାଇଛି। ଏଭଳି ସ୍ଥିତି ଅଭିଭାବକମାନଙ୍କୁ ବ୍ୟତିବ୍ୟସ୍ତ କରିପକାଇଥିଲା। ଏ ସଂପର୍କରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଥିଲା। ହେଲେ ଏ ଦିଗରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ଶିକ୍ଷାଧିକାରୀ ଅଫିସିଆଲ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଧାରଣାସ୍ଥଳରେ ପହଞ୍ଚି ପାରିନଥିଲେ। ମାତ୍ର ତାଙ୍କ ନିର୍ଦ୍ଦେଶ କ୍ରମେ ସିଆର୍‌ସିସି ଶିକ୍ଷକ ରମଣି ରଞ୍ଜନ ସାହୁଙ୍କୁ ସାଙ୍ଗରେ ଆଣି ବିଦ୍ୟାଳୟରେ ପହଞ୍ଚାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅତିକମ୍‌ରେ ଆଉ ଜଣେ ଶିକ୍ଷକଙ୍କୁ ଏଠାରେ ନିଯୁକ୍ତ କରାଯିବ ବୋଲି ସିଆର୍‌ସିସି ସୂଚନା ଦେଇଛନ୍ତି।



# ଶିକ୍ଷକ ମଦନମୋହନ ପଣ୍ଡାଙ୍କ ସ୍ମୃତିସଭା



**ମଙ୍ଗଳପୁର,୩୦।୧(ସମିସ):** ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତ ଥାଲକୁଡ଼ି କସବା ଗ୍ରାମର ବିଶିଷ୍ଟ ଶିକ୍ଷକ ମଦନ ମୋହନ ପଣ୍ଡାଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ଶୋକସଭା ଡ.ବିଜୟ କିଶୋର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ ବଂଶୀଧର ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ନାୟକ, ଡ.ହରିଶ୍ଚନ୍ଦ୍ର ପଣ୍ଡା, କବି ହରେରାମ ପଣ୍ଡା, ସତ୍ୟାନନ୍ଦ ରାୟ, ରବୀନ୍ଦ୍ର କୁମାର ସାମଲ, କବି ରାମଚନ୍ଦ୍ର ଦାଶ, ଶଶୀକାନ୍ତ ନାୟକ, କରୁଣାକର ନାୟକ, ନିରଞ୍ଜନ ବିଶ୍ୱାଳ, ଅକ୍ଷୟ କୁମାର ନାୟକ, ଶୈଳେନ୍ଦ୍ର ନାୟକ, ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବିଶିଷ୍ଟ ଶିକ୍ଷକ ସ୍ୱର୍ଗତ ପଣ୍ଡାଙ୍କ ଜୀବନୀ ଆଦର୍ଶ ଓ ଶିକ୍ଷକତା ସମୟରେ ତାଙ୍କର କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିବା ସହ ସ୍ୱର୍ଗତ ପଣ୍ଡା ଜଣେ ଆଦର୍ଶ ଶିକ୍ଷକ ଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ, ସେ ହେଉଛନ୍ତି ବିଶିଷ୍ଟ ଗାଳ୍ପିକ ରବି ପଣ୍ଡାଙ୍କ ପିତା। ତାଙ୍କ ଉଦ୍ଦେଶ୍ୟରେ ଏକ ସ୍ମରଣିକା ପ୍ରକାଶ ପାଇଁ ଲେଖା ଦେବାକୁ ଶେଷରେ ଅନୁରୋଧ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ତାଙ୍କ ପୁଅ ଗାଳ୍ପିତ ରବି ପଣ୍ଡା।

## ଆର୍ଥିକ ସାକ୍ଷରତା ସଚେତନତା ଶିବିର

ବାରିକପୁର,୩୦।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ନେରେଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ଆର୍ଥିକ ସାକ୍ଷରତା ସଚେତନତା ଶିବିର ସହିତ ଏକ ଡାକ ମେଳା ଅନୁଷ୍ଠିତ ହୋଇଯାଇଛି। ଯୁବନେତା ସୌମ୍ୟରଞ୍ଜନ ଜେନାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଭଦ୍ରକ ଡାକ ଅଧୀକ୍ଷକ ଲକ୍ଷ୍ମୀନାରାୟଣ ମିଶ୍ର, ଡାକ ନିରୀକ୍ଷକ ମଦିର ବେହେରା, ଉନ୍ନୟନ ଅଧିକାରୀ କଳାକାର ଶତପଥୀ ପ୍ରମୁଖ ଯୋଗଦେଇ ସଞ୍ଚୟ ମନୋବୃତ୍ତି ଉପରେ ଆଲୋଚନା କରିଥିଲେ।

## ଧାମନଗର ବ୍ଲକ୍ ଓ ନଗର କଂଗ୍ରେସ ସଭାପତି ଚୟନ



ଧାମନଗର,୩୦।୧(ସମିସ): ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ରମେଶ ଚନ୍ଦ୍ର ବେହେରାଙ୍କୁ ଧାମନଗର ବ୍ଲକ୍ କଂଗ୍ରେସ କମିଟିର ସଭାପତି ଭାବେ ପୁନର୍ବାର ମନୋନୀତ କରି ଦାୟିତ୍ୱ ଅର୍ପଣ କରାଯାଇଛି। ସେହିପରି ସାମ୍ବାଦିକ ପ୍ରମୋଦ କୁମାର ସ୍ୱାଇଁଙ୍କୁ ନୂତନ ଏନ୍ଏସି ସଭାପତି ଭାବେ ଘୋଷଣା ସହିତ ଦାୟିତ୍ୱ ଦିଆଯାଇଛି। ଏହି ଅବସରରେ ଧାମନଗର ନିର୍ବାଚନମଣ୍ଡଳୀ ନେତା ରଞ୍ଜନ କୁମାର ବେହେରା, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି, ପିସିସି ସଭାପତି ଭକ୍ତ ଚରଣ ଦାସ, ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଏବଂ ରାହୁଳ ଗାନ୍ଧୀଙ୍କୁ ଅଶେଷ କୃତଜ୍ଞତା ଜ୍ଞାପନ କରିବା ସହିତ ଧାମନଗର ବ୍ଲକ୍ କଂଗ୍ରେସର ସମସ୍ତ ବରିଷ୍ଠ ଓ କନିଷ୍ଠ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଧାମନଗରରେ ସମସ୍ତଙ୍କ ସହଯୋଗ ବଳରେ କଂଗ୍ରେସ ଶକ୍ତିଶାଳୀ ହେବା ସହ ଆଗକୁ ବଡ଼ି ଲୋକଙ୍କ ସ୍ୱର, ସମସ୍ୟା ଓ ଅଧିକାର ପାଇଁ କଂଗ୍ରେସ ଦଳ ନୂଆ ରୂପରେଖରେ ଲଢ଼େଇ ଆରମ୍ଭ କରିବ ବୋଲି ଉଭୟ ସଭାପତି ରମେଶ ଓ ପ୍ରମୋଦ ପ୍ରତିକ୍ରିୟା ଦେଇଛନ୍ତି।

## ଜଗନ୍ନାଥ ସରକାରୀ ହାଇସ୍କୁଲ୍‌ରେ ପ୍ରତିଭା ସମ୍ମାନ



ବାରିକପୁର,୩୦।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଚିଙ୍ଗିଡ଼ିପୁରସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା କବି ଅରୁଣୋଦୟ ଖିଲାର, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅମୂଲ୍ୟ ନାୟକ, ଯୁବନେତା ଦୀପକ ପାଣିଗ୍ରାହୀ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ରବୀନ୍ଦ୍ର ଲେଙ୍କା, ପରିଚାଳନା କମିଟି ସଭାପତି ବାସୁଦେବ ଗୋଛାୟତ, ସିଆର୍‌ସିସି ଅଜୟ ରାୟ, ଦେବେନ୍ଦ୍ର ନାଥ ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ଗୀତା ରୋଜାଲିନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ଜିତେନ୍ଦ୍ର ନାୟକ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିବାବେଳେ ଦଶମ ଶ୍ରେଣୀ ବିଦ୍ୟାର୍ଥୀମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ବୃଦ୍ଧାଶ୍ରମରେ ଖାଦ୍ୟ ବଣ୍ଟନ



ଅସୁରାଳି,୩୦।୧(ସମିସ): ପୁରୀସ୍ଥିତ ପାରାଡାଇଜ୍ ବୃଦ୍ଧାଶ୍ରମରେ ଧୂଷୁରୀ ପ୍ରେସ୍ ୟୁନିଅନ ପକ୍ଷରୁ ଆଶ୍ରମର ବୃଦ୍ଧବୃଦ୍ଧାଙ୍କ ପାଇଁ ସକାଳର ଜଳଖିଆ ଓ ମଧ୍ୟାହ୍ନ ଭୋଜନର ବନ୍ଦୋବସ୍ତ କରାଯାଇଥିଲା। ଏହି ଅବସରରେ ବୃଦ୍ଧ ଦମ୍ପତିଙ୍କ ସହିତ ସମୟ ବିତାଇ ସେମାନଙ୍କ ଜୀବନ ଅନୁଭବ ଓ ସ୍ମୃତିକଥା ଶୁଣିବାରେ ସଭାଗତମାନେ ଅନନ୍ୟ ଆନନ୍ଦ ଅନୁଭବ କରିଥିଲେ। ଉପସ୍ଥିତ ଥିଲେ ଧୂଷୁରୀ ପ୍ରେସ୍ ୟୁନିଅନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ସାମ୍ବାଦିକ ଅନନ୍ତ ସାହୁ, ଆଶ୍ରମ ମୁଖ୍ୟ ମଧୁସୂଦନ ମିଶ୍ର, ସମାଜସେବୀ ବିଭୁ ପ୍ରସାଦ ସାହୁ, ଆଶ୍ରମ ପରିଚାଳିକା ପ୍ରଣତି ମହାରଣା ପ୍ରମୁଖ। ଏହି ପଦକ୍ଷେପ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ମନରେ ଆନନ୍ଦ, ସ୍ନେହ ଓ ସମ୍ମାନର ଭାବନା ଜଗାଇଥିଲା। ଏହି ପ୍ରତିଷ୍ଠାନରେ ଆୟୋଜିତ ସହଭାଗିତା କେବଳ ଭୋଜନରେ ସୀମିତ ହୋଇ ନ ଥିଲା, ବରଂ ବୃଦ୍ଧଙ୍କ ସହିତ ସମୟ ବିତାଇବାରେ ସମାଜିକ ସମ୍ପର୍କର ଗାଢ଼ତାକୁ ଆହୁରି ବୃଦ୍ଧି କରିଥିଲା।

## ପଶୁ ଡାକ୍ତରଖାନାରେ ମିଳିଲା ଔଷଧ

'ସକାଳ' ପ୍ରଭାବ

ଦୋଳସାହି,୩୦।୧(ସମିସ): ସାରା ରାଜ୍ୟରେ ମଣ୍ଡଳ ପ୍ରାଣୀ ଚିକିତ୍ସାଳୟକୁ ପ୍ରାଣୀଙ୍କ ଚିକିତ୍ସା ନିମନ୍ତେ ଔଷଧ ମିଳୁ ନ ଥିବା ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶିତ ପରେ ରାଜ୍ୟର ସମସ୍ତ ମଣ୍ଡଳ ପ୍ରାଣୀ ଚିକିତ୍ସାଳୟରେ ଔଷଧ ଉପଲବ୍ଧ ହୋଇଛି। ଫଳରେ ସାଧାରଣରେ 'ସକାଳ'କୁ ପ୍ରଶଂସା କରାଯାଇଛି। ସୂଚନା ମୁତାବକ, ତିହିଡ଼ି ବ୍ଲକ୍ ମଣ୍ଡଳ ପ୍ରାଣୀ ଚିକିତ୍ସାଳୟ ଅଧୀନରେ ୧୮ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଥିବାବେଳେ ପ୍ରାଣୀଙ୍କ ଚିକିତ୍ସା ନିମନ୍ତେ ୩ ବର୍ଷ ଧରି ଔଷଧ ମିଳୁ ନ ଥିବା ନେଇ 'ସକାଳ'ରେ ବାରମ୍ବାର ଖବର ପ୍ରକାଶ ପାଇଥିଲା। ଏନେଇ ପ୍ରଶାସନ ପକ୍ଷରୁ ପ୍ରାଣୀଙ୍କ ଚିକିତ୍ସା ନିମନ୍ତେ ଔଷଧ ଯୋଗାଇ ଦିଆଯାଇଥିବା ଜଣାଯାଉଛି।

### ରାମକୃଷ୍ଣପୁର ସେବା ସମବାୟ ସମିତିରେ ବେପାରୀଙ୍କ ରାଜ୍

# ୬ ଧାନ ବୋଝେଇ ଗାଡ଼ି ଅଟକ ରଖିଲେ ଚାଷୀ

ବନ୍ତ/ଆଗରପଡ଼ା,୩୦।୧(ସମିସ)



ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ରାଜ୍ୟରେ ସରକାରୀ ଧାନର ଧାର୍ଯ୍ୟ ମୂଲ୍ୟ ୨୩୦୦ ଟଙ୍କା ଥିବାବେଳେ ଏହି ଖରିଫ୍ ଋତୁର ଧାନ କିଣିବା ପାଇଁ ସେବା ସମବାୟ ସମିତି ଓ ବିଭିନ୍ନ ପଞ୍ଚାୟତରେ ଏସ୍‌ଏଚ୍‌ଜିକୁ ଦାୟିତ୍ୱ ଅର୍ପଣ କରାଯାଇଛି। କିନ୍ତୁ କିଛି ଅସାଧୁ ବ୍ୟବସାୟୀ କିଛି ଚାଷୀଙ୍କ କାର୍ଡ ହାତେଇ ସେବା ସମବାୟ ସମିତିରେ ରାଜ୍ କରୁଥିବା ଦେଖିବାକୁ ମିଳୁଛି। ଚାଷୀଙ୍କ ଧାନ ପକାଇବା ପାଇଁ ଟୋକନ୍ ଜାନୁଆରୀ ୫ ତାରିଖ ଥିବାବେଳେ ସେମାନଙ୍କ ଧାନ ସେବା ସମବାୟ ସମିତିରେ ପଡ଼ି ରହିଥିବାବେଳେ ତାଙ୍କ ଧାନ ନ କିଣି ୭ ଓ ୮ ତାରିଖ ଥିବା ଚାଷୀଙ୍କ ଧାନ ବେପାରୀଙ୍କ ମାଧ୍ୟମରେ ଉଠାଯାଉଛି। ତେଣୁ ବେପାରୀଙ୍କ ୬ ଗାଡ଼ିକୁ ରାମକୃଷ୍ଣପୁର ଚାଷୀ ଅଟକାଇଥିବା ବେଳେ ୨ଟି ଗାଡ଼ି ଖସିଯିବାରେ ସଫଳ ହୋଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ସେବା ସମବାୟ ସମିତି ଭିତରେ ଥିବା ବେପାରୀ ସ୍ଥାନ ଛାଡ଼ି ପଳାଇ ଥିବାବେଳେ ୬ଟି ଗାଡ଼ିକୁ ଅଟକ ରଖିଛନ୍ତି ଚାଷୀ। ଆଗେ ଆମ ଧାନ ଉଠିବ ତା'ପରେ ଆମେ ଏ ଗାଡ଼ିକୁ ଛାଡ଼ିବୁ ବୋଲି ଭରତ ମଲ୍ଲିକ, ସମୀର ଦାସ, ଶଶିକାନ୍ତ ମଲ୍ଲିକ, ଭୋଳାନାଥ ସେଠୀ, ରମା ମଲ୍ଲିକ, ବଳରାମ ସେନାପତି, ପୀତବାସ ସାମଲ, ଆଦିକନ୍ଦ ପରିଡ଼ା, ଘାଉଲି ବେହେରା, ବାୟା ସାହୁ, ପଦ୍ମନାଭ ବଳ ସମେତ ଶତାଧିକ ଚାଷୀ ଦାବି କରିଛନ୍ତି। ଏହା ସହିତ ରାମକୃଷ୍ଣପୁର ସେବା ସମବାୟ ସମିତି ମଣ୍ଡିରେ ୮ କିଲୋ ଧାନ କାଟିବା ସହିତ ପ୍ରତ୍ୟେକ ଧାନ ବସ୍ତା ଉପରେ ୧୦ ଟଙ୍କା ଲେଖାଏଁ ନେଉଥିବା ନେଇ ମଧ୍ୟ ଚାଷୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀ ଦାବି କରିଛନ୍ତି।

## ଧାନ କିଣାକୁ ତ୍ୱରାନ୍ୱିତ କରାଯିବ



ଭଦ୍ରକ,୩୦।୧(ସମିସ): ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଅପରାହ୍ନରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟପରିସରରେ ଧାନକିଣା ସମୀକ୍ଷା ବୈଠକ କରିଛନ୍ତି। ବୈଠକ ପରେ ମନ୍ତ୍ରୀ କହିଥିଲେ ଯେ ଚାଷୀଙ୍କଠାରୁ ଧାନକିଣା ସୁରୁଖୁରୁରେ ଚାଲିଛି। କଟ୍‌ନୀଛଟ୍‌ନୀର ଅଭିଯୋଗ ବିଶେଷ କିଛି ନାହିଁ। ଆଜି ସୁଦ୍ଧା ଜିଲ୍ଲାରୁ ୨ ଲକ୍ଷ ୭୧ ହଜାର କ୍ୱିଣ୍ଟାଲ ଧାନ କିଣା ସରିଛି। ୯ ହଜାର ଚାଷୀ ଧାନ ବିକ୍ରି କରିଛନ୍ତି। ତେବେ ଜିଲ୍ଲାର ମିଲରଙ୍କ ସଂଖ୍ୟା କମ୍ ଥିବାରୁ ମଣ୍ଡିରୁ ଧାନ ଉଠିବା ବିଳମ୍ବ ହୋଇଛି। ଏବାବଦରେ ସମୀକ୍ଷା ବୈଠକରେ ଆଲୋଚନା ହୋଇଛି। ବାହାର ଜିଲ୍ଲାର ମିଲରଙ୍କୁ ଭଦ୍ରକରେ ନିୟୋଜନ କରାଯାଇ ଧାନ କିଣାକୁ ତ୍ୱରାନ୍ୱିତ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ତେବେ ସବୁ ଚାଷୀଙ୍କ ଧାନ କିଣାଯିବ। କଟ୍‌ନୀଛଟ୍‌ନୀ ପାଇଁ ଅନୁମତି ନ ଥିବା ମନ୍ତ୍ରୀ କହିଥିଲେ।

## ଧାନ କିଣାରେ ବିଳମ୍ବ ହୋଇଥିବା ସ୍ୱୀକାର କଲେ ମନ୍ତ୍ରୀ



ବାରିକପୁର,୩୦।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରାଢୋସ୍ଥିତ ରହଣିଆ ପ୍ରାଥମିକ କୃଷି ସମବାୟ ସମିତିଠାରେ ଶୁକ୍ରବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ପହଞ୍ଚି ଧାନ କ୍ରୟ ବାବଦରେ ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଭଦ୍ରକରୁ ଯାଜପୁର ଯିବା ବାଟରେ ସମିତି ଦ୍ୱାରା ପରିଚାଳିତ ମଣ୍ଡିରେ ସ୍ୱଳ୍ପ ସମୟ ରହି ଉପସ୍ଥିତ ଚାଷୀମାନଙ୍କ ସହିତ ଧାନ କ୍ରୟ ବାବଦରେ ଆଲୋଚନା କରିଥିଲେ। ଚାଷୀମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚଳିତ ବର୍ଷ ଜିଲ୍ଲାରେ ଧାନ କ୍ରୟ ବ୍ୟବସ୍ଥା ବିଳମ୍ବିତ ହୋଇଥିବାବେଳେ ମିଲରମାନେ ମଣ୍ଡିରୁ ଠିକ୍ ସମୟରେ ଧାନ ନେଉ ନ ଥିବା ସ୍ୱୀକାର କରିଥିଲେ। ଧାନ କ୍ରୟ ବ୍ୟବସ୍ଥା ତ୍ୱରାନ୍ୱିତ ହେଉ ନ ଥିବା ସେ ଅନୁଭବ କରିଥିଲେ। ଜିଲ୍ଲାରେ ଯେତିକି ଧାନ ଉତ୍ପାଦନ ହେଉଛି ସେହି ପରିମାଣରେ ମିଲ୍ ନ ଥିବା ସେ କହିଥିଲେ। ତେଣୁ ସ୍ଥାନୀୟ ଅଞ୍ଚଳରେ ମିଲ୍ ପ୍ରତିଷ୍ଠା ହେଲେ ଧୀରେ ଧୀରେ ଏହି ସମସ୍ୟାର ସମାଧାନ ହେବ ବୋଲି ଚାଷୀମାନଙ୍କୁ ଆଶ୍ୱାସନା ଦେଇଥିଲେ। ମନ୍ତ୍ରୀଙ୍କ ସମେତ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା, ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ହିମାଂଶୁ ଦାସ, ସମବାୟ ଅଧିକାରୀ ଦୁଃଖିଆ ଟୁଡ୍ଡୁ, ପ୍ରାଚୀତା ଜେନା, ସତ୍ୟପ୍ରକାଶ ସେଠୀ, ସମିତି ସଭାପତି ସାଗର ରଞ୍ଜନ ଲେଙ୍କା, ସମ୍ପାଦକ ସନ୍ତୋଷ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ

## ଜାତୀୟ ଆଲୋଚନାଚକ୍ର ଓ ବାର୍ଷିକ ଉତ୍ସବ

ଭଦ୍ରକ,୩୦।୧(ସମିସ): ଶୁକ୍ରବାର ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ତରଫରୁ ଏକ ଜାତୀୟ ଆଲୋଚନାଚକ୍ର (ଏନ୍‌ଟିସିଏସ୍) ଏବଂ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଗା ଶଙ୍କର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରସାୟନ ବିଜ୍ଞାନର ଉପକାରିତା ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ପ୍ରାରମ୍ଭିକ ସ୍ୱାଗତ ଭାଷଣ, ବିଭାଗୀୟ ମୁଖ୍ୟ ଡ. ପଦ୍ମନାଭ ପତ୍ରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ରସାୟନ ବିଜ୍ଞାନର ମହାନ୍ ବ୍ୟକ୍ତିତ୍ୱ ଡ. ଦେବେନ୍ଦ୍ର ପ୍ରସାଦ ରାଉତ ଗଳ୍ପ ପଛରେ ରସାୟନ ବିଜ୍ଞାନର ଦୈନନ୍ଦିନ ଜୀବନର ଉପଯୋଗିତା ଉପରେ ସବିଶେଷ ଆଲୋଚନା କରିଥିଲେ। ଉକ୍ତ ପାଠଚକ୍ରରେ ଜାତୀୟ ବିଜ୍ଞାନ ଓ ଗବେଷଣା କେନ୍ଦ୍ରର ପ୍ରଫେସର ଡ. ଯୋଗେନ୍ଦ୍ର ନାଥ ବେହେରା 'ଅଣୁ ସଂଯୋଜକ, ଶକ୍ତି ସଂରକ୍ଷଣ ଏବଂ ରୂପାନ୍ତରୀକରଣ' ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ରସାୟନ ବିଜ୍ଞାନ ସଂସ୍ଥା(ଭାରତୀୟ ତୈଳ କ୍ୟାମ୍ପସ୍), ଭୁବନେଶ୍ୱରର ପ୍ରଫେସର ସ୍ୱାଗତ କୁମାର ମହାପାତ୍ର 'ଜୈବିକ ସେମିକଣ୍ଡକ୍ଟର ଓ ଡୋପିଙ୍ଗ୍' ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଶେଷରେ ବିଭାଗର ବରିଷ୍ଠ ଅଧ୍ୟାପକ ଡ. ଲକ୍ଷ୍ମୀକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବିଭାଗର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ଡ୍ରାମା, ସଙ୍ଗୀତ, ନାଚ, କମେଡ଼ି ଆଦି ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ ବିଭାଗର ଅଧ୍ୟାପକ ଡ. ଅଭିଜିତ୍ ବିଶ୍ୱାଳ, ଡ. ସୁବ୍ରତ କୁମାର ବାରିକ, ଡ. ସନ୍ତୋଷ କୁମାର ନନ୍ଦ, ଡ. ଆଶିଷ କୁମାର ସେଠୀ, ଅଧ୍ୟାପିକା ଡ. ସ୍ୱପ୍ନା ଶରିତା ମହାପାତ୍ର, ଡ. ପୁଷ୍ପାଞ୍ଜଳି ସାହୁ, ଡ. ମନୀଷା ନାୟକ ଓ ବିଭାଗର ସମସ୍ତ କର୍ମଚାରୀ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ।



## ସାକ୍ୟ ପ୍ରତୀକ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଚାମ୍ପିଅନ




ବନ୍ତ/ଆଗରପଡ଼ା, ୩୦।୧ (ସମିସ): ଭଦ୍ରକ ବଙ୍କସାହି ଯୁବକ ସଂଘ ତରଫରୁ ଜିଲ୍ଲା ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଥିବା ବିଜୟ ମେମୋରିଆଲ୍ ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଆଗରପଡ଼ା ଇଲେଭେନ୍ ଷ୍ଟାର୍ କ୍ଲବ୍‌ର ସାକ୍ୟ ପ୍ରତୀକ ଜିଲ୍ଲା ଚାମ୍ପିଅନ ହୋଇଛନ୍ତି। ୧୩ ବର୍ଷରୁ କମ୍ ସବ୍‌ଜୁନିୟରସ୍ତରୀୟ ଏହି ଫାଇନାଲ୍ ମ୍ୟାଚ୍ ଭଦ୍ରକର ସ୍ନେହାଶିଷ ଦାସ ଓ ଆଗରପଡ଼ାର ସାକ୍ୟ ପ୍ରତୀକଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିଣି ସାକ୍ୟ ପ୍ରତୀକ ଅପରପକ୍ଷକୁ ସର୍ଭିସ ପାଇଁ ଆମନ୍ତ୍ରଣ କରିଥିଲେ। ୧ ସେଟ୍ ବିଶିଷ୍ଟ ଏହି ମ୍ୟାଚ୍‌ରେ ସାକ୍ୟ ପ୍ରତୀକ ୧୫/୧୧ରେ ସ୍ନେହାଶିଷଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ଆୟୋଜିତ ପୁରସ୍କାର ବିତରଣୀ ସଭାରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଚାମ୍ପିଅନ ଓ ରନର୍ସ ଅପ୍ ଖେଳାଳିଙ୍କୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ତାଙ୍କର ଏହି ବିଜୟରେ ଇଲେଭେନ୍ ଷ୍ଟାର୍ କ୍ଲବ୍‌ର ସମସ୍ତ ସଦସ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ଆଗରପଡ଼ା ଟିକିରା ଗ୍ରାମର ମନୋଜ ବେହେରା ଓ ସ୍ୱପ୍ନା ସୋନାଲିକାଙ୍କ ପୁତ୍ର ଅଟନ୍ତି। ବର୍ତ୍ତମାନ ସାକ୍ୟ ପ୍ରତୀକ ଆଗରପଡ଼ା କୃଷ୍ଣଚରଣ ବିଦ୍ୟାମନ୍ଦିରର ସପ୍ତମ ଶ୍ରେଣୀରେ ଅଧ୍ୟୟନରତ।

## ଶକୁନ୍ତଳା ନାୟକ କ୍ରିକେଟ ଟୁର୍ଣ୍ଣାମେଣ୍ଟ: କଟକ ବିଜୟୀ

ଭଣ୍ଡାରିପୋଖରୀ,୩୦।୧(ସମିସ): ମଞ୍ଜୁରୀରୋଡ୍ ମହାବୀର ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ମେଡିକାଲ ପଡ଼ିଆରେ ଚଳିତ ବର୍ଷ ଅନୁଷ୍ଠିତ ୩୨ତମ ଶକୁନ୍ତଳା ନାୟକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସମାଜସେବୀ ଶଶିକାନ୍ତ ଜେନା ମୁଖ୍ୟ ଅତିଥି ଭାବେ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲେ। ନାଆମୀ ସମିତିସଭ୍ୟ ସନ୍ତୋଷ କୁମାର ନାୟକ, ସାନଶାସନ ସରପଞ୍ଚ ପ୍ରତିନିଧି ଗୌରାଙ୍ଗ ଚରଣ ସାହୁ, ୟୁଥ୍ କ୍ଲବ୍ ସଭାପତି ଗୋପିନାଥ ନାୟକ, ଡ. ବିଶ୍ୱନାଥ ସାହୁ, ମମତା ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭଦ୍ରକ ସୂର୍ଯ୍ୟଶିଖା ଏକାଦଶ ସହ କଟକ ୧୧ ମଧ୍ୟରେ ଉଦ୍‌ଘାଟନୀ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସୂର୍ଯ୍ୟଶିଖା ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ଏହି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୭୨ ରନ୍ କରିଥିଲା। ଜବାବରେ କଟକ ଦଳ ୧୯.୪ ଓଭରରେ ୭ ୱିକେଟ ହରାଇ ୧୭୩ ରନ୍ କରି ବିଜୟୀ ହୋଇ ସେମି ଫାଇନାଲ୍‌ରେ ପ୍ରବେଶ କରିଛି। ଦଳ ପକ୍ଷରୁ ଅଶ୍ୱନୀ ଖଟେଇ ସର୍ବାଧିକ ୫୭ ରନ୍ ହାସଲ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଚିନ୍ମୟ ସେନାପତି ଓ କାଳନ୍ଦୀ ପଣ୍ଡା ଅମ୍ପାୟାର, ବିଜୟ ଶତପଥି ମ୍ୟାଚ୍ ରେଫରୀ, ସ୍କୋରର ଦୁର୍ଗା ପ୍ରସାଦ ଜେନା, ପ୍ରତ୍ୟୁଷ ସାହୁ ଓ ଶ୍ରୀକାନ୍ତ ଖଣ୍ଡେଇ ଧାରା ବିବରଣୀ ପ୍ରଦାନ କରିଥିଲେ।

## କୁରିଗାଁଠାରେ ବିଜେଡି କର୍ମୀ ସମ୍ମିଳନୀ



ବାରିକପୁର,୩୦।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ କୁରିଗାଁ ଉଆସ ପଡ଼ିଆଠାରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚଙ୍କ ପ୍ରତିନିଧି ତଥା ଯୁବ ନେତା ଦେବପ୍ରସନ୍ନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ସମସ୍ତଙ୍କ ସହିତ ଭାବ ବିନିମୟ କରିଥିଲେ। ସମ୍ପ୍ରତି ଧାନ କ୍ରୟଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ସରକାର ଲୋକମାନଙ୍କୁ ଶୋଷଣ କରୁଥିବାବେଳେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହାର ସଠିକ୍ ଜବାବ ଦିଆଯିବ ବୋଲି ବିଧାୟକ ବୈଠକରେ କହିଥିଲେ। ତୃଣମୂଳସ୍ତରରେ ସମସ୍ତ ବିଜେଡି କର୍ମୀ ସଂଗଠିତ ହୋଇ ରହିବା ସହିତ ରାଜ୍ୟ ସରକାରଙ୍କ ବିରୋଧରେ ତୀବ୍ର ସ୍ୱର ଉତ୍ତୋଳନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଆୟୋଜିତ ବନ୍ଧୁ ମିଳନ ତଥା କର୍ମୀ ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ବ୍ଲକ୍ ଯୁବ ବିଜେଡି ସଭାପତି ଲଳିତ ରାଉତ, ପଞ୍ଚାୟତ ସଭାପତି ଦେବେନ୍ଦ୍ରନାଥ ଧଳ, ବରିଷ୍ଠ ନେତା ଦିବାକର ଜେନା, ସମିତିସଭ୍ୟାଙ୍କ ପ୍ରତିନିଧି ତଥା ଯୁବ ନେତା ସଦାଶିବ ବଳ ପ୍ରମୁଖ ଯୋଗଦେଇଥିଲେ। ଏହାଛଡ଼ା ପଞ୍ଚାୟତ ଅଧୀନସ୍ଥ ୧୪ଟି ୱାର୍ଡର କର୍ମୀମାନେ ଏଥିରେ ଉପସ୍ଥିତ ଥିଲେ।

## ଗାନ୍ଧୀଘାଟ ଓ ବେତାଳିଗାଁ ବଜାରଠାରେ ସାର୍ବଜନୀନ ଗାନ୍ଧୀ ମେଳା



ଅସୁରାଳି,୩୦।୧(ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ପୁଣ୍ୟତୋୟା ବୈତରଣୀ, କୋଚିଳା ଓ ସରସ୍ୱତୀ ନଦୀର ସଙ୍ଗମସ୍ଥଳ ସାଆଁଳପୁର ଗାନ୍ଧୀଘାଟ ଶାସନଠାରେ ଗାନ୍ଧୀ ସ୍ମୃତି କମିଟି ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କ ୭୮ତମ ଶ୍ରାଦ୍ଧ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସକାଳ ୬ଟା ୩୦ରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ରମାକାନ୍ତ ପତ୍ରୀଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ହୋଇଥିଲା। ୭ଟାରେ ପ୍ରଭାତଫେରି ଏବଂ ପରେ ଲକ୍ଷ୍ମଣ ପତି ଓ ଗାନ୍ଧୀଘାଟ ଯୁବକ ସଂଘର ସଦସ୍ୟମାନଙ୍କ ଦ୍ୱାରା ଗ୍ରାମ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ସକାଳ ୯ଟାରେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଧାମନଗର ବିଡିଓ ବନବିହାରୀ ଦିନ୍ଦାଙ୍କ ଉପସ୍ଥିତିରେ ତ୍ରିବେଣୀ ସଙ୍ଗମରେ ବାପୁଜୀଙ୍କ ତିଳତର୍ପଣ କରାଯିବା ପରେ ଜାତୀୟ ପତାକା ଉତ୍ତୋଳନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପାଳସାହି ସରପଞ୍ଚ ଅଜୟ ମଲ୍ଲିକ, ପୂର୍ବତନ ସରପଞ୍ଚ ସୁଶାନ୍ତ ନାୟକ, ସମାଜସେବୀ ରଞ୍ଜନ ମହାନ୍ତି, ପୁରୁଷୋତ୍ତମ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଧ୍ୱଜା ପରିଚାଳନା କରିଥିଲେ ଗାନ୍ଧୀ ସ୍ମୃତି କମିଟିର ଉପସଭାପତି ଭାଗିରଥି ମହାନ୍ତି। ଗୀତାପାଠ କରିଥିଲେ ପଣ୍ଡିତ ପଞ୍ଚାନନ ମିଶ୍ର, ପୁରୋହିତ ଥିଲେ ବିଦ୍ୟାଧର ପତି। ଅପରାହ୍ନ ୩ଟାରେ ଗାନ୍ଧୀ ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ରବିନ୍ଦ୍ର କୁମାର ବେହୁରିଆଙ୍କ ସଞ୍ଚାଳନାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

ସେହିପରି ପାଳସାହି ପଞ୍ଚାୟତର ବେତାଳିଗାଁ ବଜାରରେ ଥିବା ଗାନ୍ଧୀ ସ୍ମୃତି ମଣ୍ଡପ ପରିସରରେ ସାର୍ବଜନୀନ ଗାନ୍ଧୀ ମେଳା କମିଟି ତରଫରୁ ଗାନ୍ଧୀ ମେଳା ଏବଂ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ୧୯୭୬ ମସିହାରୁ ସ୍ଥାପିତ ହୋଇଥିବା ଏହି ସାର୍ବଜନୀନ ଗାନ୍ଧୀ ମେଳା ଏଥର ୫୦ ବର୍ଷ ପୂର୍ତ୍ତି ମହାସମାରୋହରେ ପାଳିତ ହୋଇଛି। ଅତିଥି ଭାବେ ଡ. ସୁଧୀର ରଞ୍ଜନ ନାୟକ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଆଖଣ୍ଡଳମଣି ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ନିହାର ରଞ୍ଜନ କର, ଇଂ ରବିନ୍ଦ୍ର କୁମାର ଜେନା, ରଇପୁର ସରପଞ୍ଚ ଜଗଦାନନ୍ଦ ସେଠୀ, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ଶିକ୍ଷାବିତ୍ କ୍ଷୀରୋଦ କୁମାର ବଳ, ସମିତିସଭ୍ୟ ରଞ୍ଜୁଲତା ମହାଳିକ, ଧାମନଗର ବିଡିଓ ବନ ବିହାରୀ ଦିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳ ପାଳସାହି, କୁଳସାହି, ବେତାଳିଗାଁ, ସାହୁ ସାହି, ଗଡ଼ଗଡ଼ି, ତୋଟାସାହି, ରଇପୁର ଗ୍ରାମର କୃଷକମାନଙ୍କୁ ନେଇ କୃଷି ମେଳା ତଥା କୃଷିଜାତ ଦ୍ରବ୍ୟକୁ ନେଇ ଏକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଥିଲା ଏବଂ ଉନ୍ନତମାନର ଚାଷ କରିଥିବା କୃଷକମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ମେଳା ତଥା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ହେଉଥିବା ପ୍ରତିଯୋଗିତାକୁ ସଞ୍ଚାଳନା କରିଥିଲେ ବାବାମଣୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଡ. ନିକୁଞ୍ଜ କିଶୋର ଜେନା।

### ସରସଦା ବିଦ୍ୟାଳୟର ବାର୍ଷିକ ଉତ୍ସବ

## 'ବଡ଼ ମଣିଷ ଅପେକ୍ଷା ଭଲ ମଣିଷ ହେବା ଗୁରୁତ୍ୱପୂର୍ଣ୍ଣ'

ବାରିକପୁର,୩୦।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ଅନ୍ୟତମ ସର୍ବପୁରାତନ ଶିକ୍ଷାନୁଷ୍ଠାନ ସରସଦା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ସମାରୋହ ଓ ପ୍ରତିଭା ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଭକ୍ତି ନୈବେଦ୍ୟ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରି ବଡ଼ ମଣିଷ ହେବା ଅପେକ୍ଷା ଭଲ ମଣିଷ ହେବାକୁ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ସୁମତି ସେଠୀ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ରାଧାରାଣୀ ମହାପାତ୍ର, ବରେଣ୍ୟ ଅତିଥି ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଉପନିବନ୍ଧକ ଦୀପ୍ତିରଞ୍ଜନ ମିଶ୍ର, ସରପଞ୍ଚ ରମେଶ ଜେନା, ସମିତିସଭ୍ୟା କମଳା ଜେନା, ସମାଜସେବୀ ଉମାକାନ୍ତ ପାତ୍ର, ଲଳିତ ରାଉତ, କିଶୋର ଷେଣ୍ଡ, ଗିରିଶ ଚନ୍ଦ୍ର ସାମଲ, ରାମଚନ୍ଦ୍ର ସେନାପତି, ଅକ୍ଷୟ ଜେନା, ସୁଧାକର ବେଜ, ପରିଚାଳନା କମିଟି ସଭାପତି ପ୍ରତାପ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ସଞ୍ଜୟ କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପାତ୍ର ଉଦ୍ଦେଶ୍ୟ ଜ୍ଞାପନ ଓ ଅର୍ଚ୍ଚନା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନାଟକ ଡାକ ମୁନ୍‌ସୀ ଓ ବୁଢ଼ା ଶଂଖାରୀ ମଞ୍ଚସ୍ଥ ହୋଇଥିଲା। କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ବିକ୍ରମ ସୌରଭ ରାୟ ଧନ୍ୟବାଦ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ମମତାରାଣୀ ଧଳ, ସସ୍ମିତା ମହାନ୍ତି, ପ୍ରତିଭା ସେଠୀ, ମାମା ପାଣିଗ୍ରାହୀ, ସୁଜାତା ମଲ୍ଲିକ, ବିନ୍ଦୁ ବର୍ଣ୍ଣାଳୀ ରାଉତ, କ୍ଷୀରାବ୍ଧି ତନୟା ମହାପାତ୍ର, ମାନସୀ ରାଉତ, ସୁକନ୍ୟା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



■ ହତ୍ୟା ଉଦ୍ୟମରୁ ବର୍ତ୍ତିଲେ ବଧୂ

# ସ୍ୱାମୀ, ଶାଶୂ, ଶଶୁର ବିରୋଧରେ ଅଭିଯୋଗ

**ଆନନ୍ଦପୁର, ୩୦।୧ (ସମିସ):** ବୋହୂ ଘର ଭିତରେ ଥିବା ବେଳେ କବାଟ ଦେଇ ପୋଡ଼ି ମାରିଦେବାକୁ ଉଦ୍ୟମ କଲେ ଶଶୁର ଘର ଲୋକେ। ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ପଦ୍ମପୁର ଗ୍ରାମରେ। ସୂଚନା ଅନୁଯାୟୀ, ଘସିପୁରା ଥାନା ବେଲବାହାଲି ଗ୍ରାମର ଗୋଲାପମଞ୍ଜରୀ ସାହୁ ପଦ୍ମପୁର ଗ୍ରାମର ରାଜେଶ ସାହୁଙ୍କୁ ସାତ ବର୍ଷ ପୂର୍ବରୁ ବିବାହ କରିଥିଲେ। ଗତ ଡିସେମ୍ବର ୨୫ ତାରିଖ ଗୋଲାପଙ୍କୁ ଘର ଭିତରେ କବାଟ ଦେଇ ପୋଡ଼ି ମାରିବାକୁ ଉଦ୍ୟମ କରିଥିଲେ ଶାଶୂ, ଶଶୁର



ଓ ସ୍ୱାମୀ ରାଜେଶ। ଗୋଲାପଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଆସି ସେ ବାପ ଘର ବେଲବାହାଲିରେ ରହୁଥିଲେ। ଗୋଲାପଙ୍କ ସ୍ୱାସ୍ଥ୍ୟରେ ଧୀରେ ଧୀରେ ସୁଧାର ଆସିବାରୁ ଶାଶୂ ଘର ଲୋକେ କିପରି ତାଙ୍କୁ ଦିଆସିଲି ମାରି ପୋଡ଼ି ମାରିବା ପାଇଁ ଯୋଜନା କରିଥିଲେ, ସେ ସବୁର ସମ୍ପୂର୍ଣ୍ଣ ଘଟଣା ନିଜ ପରିବାର ଆଗରେ ବଖାଣିଥିଲେ। ଏବେ ପୁନର୍ବାର ଗୋଲାପଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ବାପଘର ଲୋକେ ତାଙ୍କୁ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରିଛନ୍ତି। ଏନେଇ ଗୋଲାପଙ୍କ ବାପା ଅଯୋଧ୍ୟା ସାହୁ ଆନନ୍ଦପୁର ଥାନାର ଦ୍ୱାରସ୍ଥ ହୋଇ ସ୍ୱାମୀ ରାଜେଶ, ଶଶୁର ହାଡ଼ିବନ୍ଧୁ ସାହୁ ଓ ଶାଶୂ ଶକୁନ୍ତଳା ସାହୁଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଏତଲା ଆଧାରରେ ଆନନ୍ଦପୁର ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବେଲବାହାଲିର ୪ଟି ମନ୍ଦିରରୁ ସିରିଜ୍ ଚୋରି



**ଆନନ୍ଦପୁର, ୩୦।୧ (ସମିସ):** ଗୋଟିଏ ରାତିରେ ଚାରୋଟି ମନ୍ଦିରରୁ ଚୋରି। ମନ୍ଦିର ତାଲା ଭାଙ୍ଗି ଲୁଟିନେଲେ ଦେବଦେବୀଙ୍କ ସୁନା, ରୁପା ଅଳଙ୍କାର ସହ ଦାନ ବାକ୍ସ। ଗୁରୁବାର ଗତକାଲି ବିଳମ୍ବିତ ରାତିରେ ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା ବେଲବାହାଲି ଗାଁରେ ଏଭଳି କାଣ୍ଡ ଭିଆଇଛନ୍ତି ଦୁର୍ବୃତ୍ତ। ଗାଁରେ ଥିବା ଜଗନ୍ନାଥ ମନ୍ଦିର ସହ ମନ୍ଦିର ପରିସରରେ ଥାବା ମା' ବିମଳା, ମା' ଲକ୍ଷ୍ମୀ ଓ ରାମ ମନ୍ଦିର ଫାଟକ ତାଲାଭାଙ୍ଗି ସୁନା, ରୁପା ଅଳଙ୍କାର ସହ ଦାନବାକ୍ସ ଲୁଟିନେଇଛନ୍ତି। ରାତି ୪ଟା ସମୟରେ ସେବାୟତମାନେ ନିତିକାନ୍ତି କରିବକୁ ଆସିବାବେଳେ ଘଟଣା ସମ୍ପର୍କରେ ଜାଣି ଗ୍ରାମବାସୀଙ୍କୁ ଜଣାଇଥିଲେ। ଚୋରି ସମ୍ପର୍କରେ ଗାଁ ଲୋକଙ୍କଠାରୁ ଖବର ପାଇ ଘସିପୁରା ପୁଲିସ୍ ଘଟଣାସ୍ଥଳରେ ତଦନ୍ତ କରିଥିଲା। ପୁଲିସ୍‌ର ପ୍ରାଥମିକ ତଦନ୍ତ ବେଳେ ଦାନ ବାକ୍ସଗୁଡିକ ମନ୍ଦିରଠାରୁ କିଛି ଦୂରରେ ଥିବା ଏକ କୁଟା ବଦାଡିରେ ପଡ଼ିଥିବା ଦେଖିବାକୁ ମିଳିଛି। ହେଲେ ସେଥିରେ ଟଙ୍କା ନଥିବା ଜଣାପଡିଛି। ଦୁଇ ବର୍ଷ ପୂର୍ବରୁ ଏହି ମନ୍ଦିରରୁ ଥରେ ଚୋରି ହୋଇଥିବା ଗ୍ରାମବାସୀ କହିଛନ୍ତି। ତୁରନ୍ତ ଚୋରକୁ ଧରିବା ପାଇଁ ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଛି।

## ରାଷ୍ଟ୍ରପତିଙ୍କ ଗସ୍ତ ନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

# ସ୍ଥିତି ଅନୁଧ୍ୟାନ କଲେ ଏଡିଜି ଓ ପୂର୍ବାଞ୍ଚଳ ଆଇଜି

**ରାଇରଙ୍ଗପୁର,୩୦।୧(ସମିସ):**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବୃଆରୀ ୪ରୁ ୩ ଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସୁଛନ୍ତି। ଗସ୍ତସୂଚୀ ଚୂଡ଼ାନ୍ତ ହେବା ପରେ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି। ଯାହାକୁ ନେଇ ଶୁକ୍ରବାର ଏଡିଜି ପ୍ରବୀଣ କୁମାର ଓ ପୂର୍ବାଞ୍ଚଳ ଆଇଜି ପିନାକ ମିଶ୍ର ରାଇରଙ୍ଗପୁର ଗସ୍ତରେ ଆସି ଗ୍ରାଉଣ୍ଡରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅନୁଧ୍ୟାନ ସମୟରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା, ଏସଡିପିଓ ବୀରେନ୍ଦ୍ର କୁମାର ସେନାପତି ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ୩ ଦିନିଆ ଗସ୍ତରେ ଆସି ରାଇରଙ୍ଗପୁର ସମେତ ଉପରବେଡା, ଯଶିପୁର, ଶିମିଳିପାଳ ଅଭୟାରଣ୍ୟ ଆଦି ଗସ୍ତରେ ଯିବେ। ରାଇରଙ୍ଗପୁର କଚେରୀ ପଡ଼ିଆରେ ସଭାରେ



ଯୋଗ ଦେଇ ଉଦଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ରାଇରଙ୍ଗପୁରରେ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ରାଇରଙ୍ଗପୁରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

ଏହି ପରିପ୍ରେକ୍ଷୀରେ ରାଇରଙ୍ଗପୁର ପହଞ୍ଚି ବିଭିନ୍ନ ସ୍ଥାନରେ ସୁରକ୍ଷା ପ୍ରସ୍ତୁତିର ତଦାରଖ କରିଛନ୍ତି। ରାଷ୍ଟ୍ରପତିଙ୍କ ଯାତ୍ରା ମାର୍ଗ, ହେଲିପ୍ୟାଡ୍ ଅଞ୍ଚଳ, ସଭାସ୍ଥଳ ଓ ରାତ୍ରି ରହଣି ସ୍ଥାନଗୁଡିକୁ ଯାଇ ନିରୀକ୍ଷଣ କରିଥିଲେ। ସେଥିପାଇଁ ସ୍ଥାନୀୟ ପୁଲିସ ଅଧିକାରୀ ଓ ପ୍ରଶାସନିକ କର୍ମଚାରୀଙ୍କ ସହ ବୈଠକ କରି ସୁରକ୍ଷା ସମ୍ପର୍କିତ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ଗସ୍ତ ସମୟରେ ଟ୍ରାଫିକ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ଚେକିଂ ବ୍ୟବସ୍ଥା, ସିସିଟିଭି ନିରୀକ୍ଷଣ ଓ ବୋମା ସ୍କ୍ୱାଡ୍ ମୁତୟନ ନେଇ ବିଶେଷ ଗୁରୁତ୍ୱ ଦିଆଯାଇଥିବା ଜଣାପଡ଼ିଛି। ସହରର ପ୍ରମୁଖ ପ୍ରବେଶ ପଥରେ ନାକାବନ୍ଦୀ ଜୋରଦାର କରାଯାଇଛି। ସନ୍ଦେହାସ୍ପଦ ବ୍ୟକ୍ତି ଓ ଯାନବାହନ ଉପରେ କଡା ନଜର ରଖାଯାଉଛି।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ଯୋଡ଼ା, ୩୦।୧(ସମିସ):** ଯୋଡ଼ା ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଶୁକ୍ରା ନାଏକ ୩ ଦିନ ତଳେ କେଉଁଆଡ? ନିଖୋଜ ହୋଇଯାଇଥିଲେ କ୍ଷ ପରିବାରଲୋକେ ବହୁ ଖୋଜା ଖୋଜି କରିବାପରେ ତାଙ୍କୁ ପାଇନଥିଲେ କ୍ଷ ତେବେ ଶୁକ୍ରବାରଦିନ କିଛି ଲୋକ ନିକଟସ୍ଥ ବୈତରଣୀ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ଏକ ମୃତଦେହ ଭାସୁଥିବା ନେଇ ପୁଲିସକୁ ସୂଚନା ଦେଇଥିଲେ କ୍ଷ ପୁଲିସ ଅଗ୍ନିଶମ ବାହିନୀ ସହାୟତାରେ ମୃତ ଦେହ ଟିକୁ ଉଦ୍ଧାର କରିଥିବାବେଳେ ଏହା ଶୁକ୍ରାଙ୍କର ବୋଲି ପରିବାର ଲୋକେ ଚିହ୍ନଟ କରିଛନ୍ତି କ୍ଷ ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଛି, ବ୍ୟବଚ୍ଛେଦ ପରେ ଜଣାପଡିବ ବୋଲି ପୁଲିସ କହିଛି।

# ଭଡ଼ା ନ ଦେବାରୁ ଦୋକାନ ସିଲ୍

**କେନ୍ଦୁଝର, ୩୦।୧(ସମିସ):** କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ଆଜି ମୋଚିବନ୍ଧ ହାଇସ୍କୁଲ ନିକଟରେ ଥିବା ୭ଟି ଦୋକାନ ଘରକୁ ବର୍ଷ ବର୍ଷ ଧରି ଭଡ଼ା ପଇଠ କରିନଥିବାରୁ ପୁଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସିଲ କରାଯାଇଛି। ବକେୟା ଭଡା ବାବଦ ଉକ୍ତ ୭ଟି ଦୋକାନର ଉପରେ ମାର୍ଚ୍ଚ ୨୦୨୫ ସୁଦ୍ଧା ୪ ଲକ୍ଷ ୫୧ ହଜାର ୫୦୦ ଟଙ୍କା ରହିଛି। ସେମାନଙ୍କୁ ପୌରପାଳିକା ପକ୍ଷରୁ ପୂର୍ବରୁ ୩ ଥର ନୋଟିସ କରାଯାଇଥିଲା ବୋଲି ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ସୂଚନା ଦେଇଛନ୍ତି। ଉକ୍ତ ଘରଗୁଡିକର ମାସିକ ଭଡା ୯୦୦ଟଙ୍କା ରଖା ଯାଇଥିବାବେଳେ




ଦୀର୍ଘବର୍ଷ ହେଲା ଦୋକାନୀ ମାଲିକମାନେ ଭଡା ପଇଠ କରିନଥିବାରୁ ପୌରପାଳିକା ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଆସିଷ୍ଟାଣ୍ଟ କଲେକ୍ଟର ଶେଖରଚନ୍ଦ୍ର ଜେନା ଉପସ୍ଥିତ ଥିଲେ। ନିର୍ବାହୀ ଅଧିକାରୀଙ୍କ ସହ ଜୁନିୟର ଏନଫୋର୍ସମେଣ୍ଟ ଅଫିସର ସୌମ୍ୟରଞ୍ଜନ ନାୟକ, ଟ୍ୟାକ୍ସ କଲେକ୍ଟର ରଞ୍ଜିତ ପାତ୍ର, ଡମ୍ବରୁଧର ପାତ୍ର, ଧୀରେନ ମହାରଣା, ସତ୍ୟନାରାୟଣ ପତି, ଅପୂର୍ବ ରଞ୍ଜନ ଦାଶ, କୃପାସିନ୍ଧୁ ପ୍ରଧାନଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଦୋକାନଗୁଡିକର ବିଦ୍ୟୁତ୍ ସଂଯୋଗ ଟାଟା ପାୱାର ପକ୍ଷରୁ ବିଚ୍ଛିନ୍ନ କରାଯାଇଛି। ପ୍ରକାଶ ଯେ କେନ୍ଦୁଝର ସହରରେ ବହୁ ଦୋକନ ଘର ବିନା ପାର୍କିଂରେ ନିର୍ମାଣ ହୋଇଛି। ଏହି ସବୁ ଦୋକାନ ଘର ବା ମାର୍କେଟ କଂପ୍ଲେକ୍ସଗୁଡିକୁ ଯାଞ୍ଚ କରାଯାଇ ଆବଶ୍ୟକ ପାର୍କିଂ ସୁବିଧା ନଥିଲେ ପୌରପାଳିକା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ବିନା ପ୍ଲାନରେ କରିଛନ୍ତି ସେଗୁଡିକ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୪ ହାତ ତିଆରି ବୋମା ଜବତ; ଶିକାରୀ ଗିରଫ



**ତୁରୁମୁଙ୍ଗା, ୩୦।୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲ ସଂଲଗ୍ନ ଷଡ଼ଙ୍ଗବାହାଳି ଗ୍ରାମର ସଞ୍ଜୟ ମୁଣ୍ଡାଙ୍କ ଘରୁ ଶୁକ୍ରବାର ବନ ବିଭାଗ ୪ଟି ହାତତିଆରି ଜୀବନ୍ତ ବୋମାକୁ ଜବତ କରିଛି। ଏହି ଘଟଣାରେ ବନ ବିଭାଗ ଅଭିଯୁକ୍ତ ଶିକାରୀ ସଞ୍ଜୟ ମୁଣ୍ଡାକୁ ଗିରଫ କରିଛି। ଏକ ବାର୍ହା ଶିକାର ହୋଇଥିବା ଘଟଣାର ତଦନ୍ତ କରିବା ପାଇଁ ବନ ବିଭାଗ ଯାଇଥିବା ସମୟରେ ସଞ୍ଜୟଙ୍କ ଘର ଭିତରୁ ୧୨୦ ଗ୍ରାମ୍‌ର ୪ ବୋମାକୁ ବନ ବିଭାଗ ଠାବ କରିଥିଲା। ଜଙ୍ଗଲୀ ଜନ୍ତୁ ଶିକାର ଉଦ୍ଦେଶ୍ୟରେ ସଞ୍ଜୟ ଘରେ ବୋମା ରଖିଥିବା ନେଇ ବନପାଳ ନିରଞ୍ଜନ ସେଠୀ କହିଛନ୍ତି।



● ଅସୁସ୍ଥହେଲେ ୭ ଛାତ୍ରଛାତ୍ରୀ

# ବିଦ୍ୟାଳୟ ପରିସରରେ ଝାଡ଼ଫୁଙ୍କ ଅଭିଯୋଗ

**ତୁରୁମୁଙ୍ଗା, ୩୦।୧(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ଗୋରାସ ବୁଢୀପାଟ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ୭ ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଥିଲେ। ସମସ୍ତ ଛାତ୍ରଛାତ୍ରୀ ନବମ ଓ ଦଶମ ଶ୍ରେଣୀର। ୨ ଜଣ ଛାତ୍ର ଓ ୫ ଜଣ ଛାତ୍ରୀ ଅସୁସ୍ଥ ହୋଇ ପଡ଼ିଥିଲେ। ଶୁକ୍ରବାର ପ୍ରେୟାର କ୍ଲାସ ପରେ ପରେ ପ୍ରଥମେ ଦୁଇ ଜଣ ଛାତ୍ର ଛାତ୍ରୀ ଅସୁସ୍ଥ ହେବା ପରେ ତାଙ୍କୁ ମେଡିକାଲକୁ ନିଆଯାଇଥିଲା। ଏହାର କିଛି ଘଣ୍ଟା ପରେ ପୁଣି ୫ ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇ ପଡିଥିଲେ। ଛାତ୍ରଛାତ୍ରୀଙ୍କ ନିକଟରେ ଅସ୍ୱାଭାବିକ ଆଚରଣ ଦେଖା ଦେବ ସହ ପାଟି କରି କାନ୍ଦିବା ପରେ ବେହୋସ ହୋଇ ଅସୁସ୍ଥ ହୋଇ ପଡ଼ିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ମେଡିକାଲ ନନେଇ ଝଡାଫୁଙ୍କା କରିଥିବା ଅଭିଯୋଗ ହୋଇଛି। ଘଟଣା ଜଣାପଡିବା ପରେ ସମସ୍ତ ୫ ଜଣ ଛାତ୍ରଛାତ୍ରୀଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲୁ ରହିଛି। ଖବର ସଂଗ୍ରହ କରିବାକୁ ଯାଇଥିବା ସାମ୍ବାଦିକ ଜିତେନ୍ଦ୍ର ସେଠୀଙ୍କୁ ପ୍ରଧାନଶିକ୍ଷକ ସହଦେବ ମହାନ୍ତ ଦୁର୍ବ୍ୟବହାର କରିବା ସହ ଗାଳିଗୁଲଜ କରି ଠେଲାପେଲା କରିଥିବା ଅଭିଯୋଗ ହୋଇଛି।

# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ଯୋଡ଼ା, ୩୦।୧(ସମିସ):** ଯୋଡ଼ା ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଶୁକ୍ରା ନାଏକ ୩ ଦିନ ତଳେ ନିଖୋଜ ଥିଲା ବେଳେ ଶୁକ୍ରବାର କିଛି ଲୋକ ନିକଟସ୍ଥ ବୈତରଣୀ ନଦୀ ଗାଧୁଆତୁଠରେ ତାଙ୍କ ମୃତଦେହ ପାଣିରେ ଭାସୁଥିବା ଠାବ କରିଥିଲେ। ଖବର ପାଇ ପୁଲିସ ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହଟିକୁ ଉଦ୍ଧାର କରିଥିବାବେଳେ ଏହାକୁ ପରିବାର ଲୋକେ ଚିହ୍ନଟ କରିଛନ୍ତି। କେଉଁ ପରିସ୍ଥିତିରେ ତାଙ୍କ ମୃତ୍ୟୁ ଘଟିଛି ବ୍ୟବଚ୍ଛେଦ ପରେ ଜଣାପଡିବ ବୋଲି ପୁଲିସ କହିଛି।

# ୩ରେ ମା' ହିଙ୍ଗୁଳାଙ୍କ ବଡ଼ପୂଜା

**ବଡ଼ସାହି,୩୦।୧(ସମିସ):** ଉତ୍ତର ଓଡିଶାର ପ୍ରସିଦ୍ଧ ତଥା ମୟୂରଭଞ୍ଜ ଜିଲ୍ଲା ବଡସାହି ବ୍ଲକ୍ କଉଡଖଣି ଶାଳ ଜଙ୍ଗଲରେ ପୂଜା ପାଉଥିବା ମା' ହିଙ୍ଗଳାଙ୍କ ବାର୍ଷିକ ପୂଜା ଆଗାମୀ ୩ ତାରିଖରେ ଅନୁଷ୍ଠିତ ହେବ। ମାଙ୍କ ବଡପୂଜା ପାଇଁ ଆସନ୍ତାକାଲି ଅଧିବାସ, ୧ରେ ଘଟ ଉତ୍ତୋଳନ ଓ ବିଷ୍ଣୁ ଯଜ୍ଞ,



୨ରେ ଶିବ ଯଜ୍ଞ, ବିଗ୍ରହମାନଙ୍କ ଶୟନ ଓ ସ୍ନାନ, ୩ରେ ମାଙ୍କ ବାର୍ଷିକ ବଡପୂଜା, ଦେବୀ ଯଜ୍ଞ , ଅଗ୍ନିକୁଣ୍ଡରେ ଅଗ୍ନି ସଂଯୋଗ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ଏହି ମେଳା ଚଳିତ ବର୍ଷ ୪ଦିନ ଧରି ଚାଲିବ। ୩୧ ତାରିଖରେ ସନ୍ଧ୍ୟାରେ ଭଜନ ନୃତ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି ପକ୍ଷରୁ ଆୟୋଜନ କରାଯାଇଥିବାବେଳେ ଫେବୃୟାରୀ ୧ ତାରିଖ ସ୍ୱାସ୍ଥ୍ୟ ଶିବିର ଓ ସନ୍ଧ୍ୟାରେ ସୌରଭ ନାୟକ ଓ ସାଥୀ ଦଳ ପକ୍ଷରୁ ଭଜନ ସନ୍ଧ୍ୟା ପରିବେଷଣ ହେବ ବୋଲି ଜଣାଯାଇଛି।

# ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

**ବାରିପଦା, ୩୦।୧(ସମିସ):** ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏସ୍‌ଏସ୍‌ଏସ୍) ଶାଖା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା, ଜିଲ୍ଲା ଏନ୍‌ଏସଏସ ବ୍ୟୁରୋ କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ବସନ୍ତ କୁମାର ମହାନ୍ତ, ଏନ୍‌ଏସଏସ ଜିଲ୍ଲା ନୋଡାଲ ଅଫିସର ଡଃ ଅନାମ ଚରଣ ରାଉଳ, ମହାବିଦ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ ଡଃ ପ୍ରିୟବ୍ରତ ବେହେରା, ଡଃ ଆଲବର୍ଟିନା ତିର୍କୀ, ରାଇମଣି ମାରାଣ୍ଡି ପ୍ରମୁଖ ଅତିଥିଙ୍କ ଦ୍ୱାରା ଶିବିର ଉଦ୍‌ଘାଟିତ ହୋଇଥିଲା। ଏହି ଶିବିରରେ ୭୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଅଭିଜ୍ଞ ଡାକ୍ତର, ନର୍ସଙ୍କ ସମେତ ଦକ୍ଷ ଚିକିତ୍ସକ ଦଳ ଶିବିରରେ ରକ୍ତ ସଂଗୃହୀତ କରିଥିଲେ। ସର୍ବପ୍ରଥମେ ମୟୂରଭଞ୍ଜ ଜିଲ୍ଲା ଜାତୀୟ ସେବା ଯୋଜନାର ଜିଲ୍ଲା ନୋଡାଲ ଅଫିସର ଡଃ ଅନାମ ଚରଣ ରାଉଳ ରକ୍ତଦାନ କରି ଶୁଭାରମ୍ଭ କରିଥିଲେ। ଏହାପରେ ମହାବିଦ୍ୟାଳୟର୍ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ଅଧ୍ୟାପକ/ ଅଧ୍ୟାପିକାମାନେ ସେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।




# ପଞ୍ଚାୟତସ୍ତରୀୟ କନ୍ୟା ସନ୍ତାନ ଦିବସ




**ମହୁଲଡିହା,୩୦।୧(ସମିସ):** ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝର ପଞ୍ଚାୟତର ଦିଲ୍ଲୀଗଞ୍ଜ ଅଙ୍ଗନବାଡି କେନ୍ଦ୍ରରେ ଅନ୍ୱେଷଣ ପକ୍ଷରୁ କନ୍ୟା ସନ୍ତାନ ଦିବସ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ କୁଞ୍ଜବିହାରୀ ପ୍ରଧାନ ଯୋଗଦେଇ କନ୍ୟା ସନ୍ତାନଙ୍କ ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବସନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ଜୟପ୍ରକାଶ ନାରାୟଣ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ରାଉତ ଯୋଗ ଦେଇଥିଲେ। ଅନ୍ୱେଷଣର ସମ୍ପାଦକ ଶ୍ରୀନାଥ ପ୍ରଧାନ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଉପଦେଷ୍ଟା ମନୋରଞ୍ଜନ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। କିଶୋରୀ ବାଳିକାଙ୍କ ଦ୍ୱାରା ସଚେତନତାମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୋଷାଧ୍ୟକ୍ଷ ଗଜେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱେଚ୍ଛାସେବୀଙ୍କୁ ଆନନ୍ଦପୁରରେ ଶ୍ରଦ୍ଧାଞ୍ଜଳି

**ଆନନ୍ଦପୁର,୩୦।୧(ସମିସ):** ଆନନ୍ଦପୁର ମ୍ୟୁନିସପାଲିଟି ୬ ନଂ ୱାର୍ଡ ରାଜପୁତସାହିର ସ୍ୱେଚ୍ଛାସେବୀ ଶ୍ରୀକାନ୍ତ ରାମଙ୍କର ଏକାଦାଶାହ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, ପୂର୍ବତନ ବିଧାୟକ ଭାଗିରଥୀ ସେଠୀ, ଯୁବବିଜେଡି ଜିଲ୍ଲା ସଭାପତି ରାକେଶ ରାମ୍, ନଗର କଂଗ୍ରେସ ସଭାପତି ହାଡିବନ୍ଧୁ ଖୁଣ୍ଟିଆ, ବରିଷ୍ଠନେତା ଶ୍ରୀଧର



ଦଳେଇ, ନିକୁଞ୍ଜ ବିହାରୀ ମିଶ୍ର, ନଗର ବିଜେଡି ସଭାପତି ରମାକାନ୍ତ ବେହେରା, କାଉନସିଲର କୃଷ୍ଣଚନ୍ଦ୍ର ରଣା, ସାମ୍ବାଦିକ ଶତ୍ରୁଘ୍ନ ସାହୁ, ସାମ୍ବାଦିକ ମଦନ ପାଣି, ମୃତ୍ୟୁଞ୍ଜୟ ସାହୁ, ସମାଜସେବୀ ମନୋଜ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପରିବାର ପକ୍ଷରୁ ନୃସିଂହ ରାମ୍, ରବି ରାମ୍, ଶୁଭ୍ରଜିତ୍ ରାମ୍, ସୁକାନ୍ତ ରାମ୍, ଭାଗିରଥୀ ରାମ୍, ଶିବାନନ୍ଦ ରାମ୍ ଉପସ୍ଥିତ ଥିଲେ।

# ୭୮ତମ ବଳିଦାନ ଦିବସ



**ବାରିପଦା,୩୦।୧(ସମିସ):** ଶୁକ୍ରବାର ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ବାରିପଦା ଗାନ୍ଧୀ ପାର୍କଠାରେ ଉତ୍କଳ ସର୍ବୋଦୟ ମଣ୍ଡଳ ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ୭୮ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ଉତ୍କଳ ସର୍ବୋଦୟ ମଣ୍ଡଳର ରାଜ୍ୟ ସମ୍ପାଦକ ଆର୍ଯ୍ୟଭଟ୍ଟ ମହାନ୍ତିଙ୍କ ପରିଚାଳନାରେ ବିଶିଷ୍ଟ ଗାନ୍ଧିବାଦୀ ଶରତ ଚନ୍ଦ୍ର ନାୟକ, ଚିତ୍ତରଞ୍ଜନ ଦାସ, ଦୀପକ ନାୟକ, ଦିଲ୍ଲୀପ ପାତ୍ର, ସାରଦା ବାରିକ, ମାନସ ପାତ୍ର, ଜୟ ବୋଷ, ସୟେଦ ସିରାଜୁଦ୍ଦିନ, ମେଘାଂଶୁ ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ରହି ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସର୍ବଧର୍ମ ପ୍ରାର୍ଥନା କରିଥିଲେ। ଏ ଅବସରରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।

**ମୁଣ୍ଡ ନଇଁଲେ ବିଇଓ**

# ଲିଖିତ ପ୍ରତିଶ୍ରୁତି ପରେ ଶିକ୍ଷକ ଆନ୍ଦୋଳନ ସ୍ଥଗିତ

**ବଡ଼ସାହି,୩୦।୧(ସମିସ):**

ବଡସାହି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ମନମୁଖୀ ଶାସନ, ଶିକ୍ଷକ ମାରଣ ନୀତି ବିରୁଦ୍ଧରେ ୪ ଦଫା ଦାବି ନେଇ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିବା ଟିକାୟତପୁର ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ପ୍ରାକ୍ତନ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବୀରେନ୍ଦ୍ର ପ୍ରଧାନଙ୍କୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ସେ ଧାରଣାକୁ ଆଗାମୀ ସାତଦିନ ପର୍ଯ୍ୟନ୍ତ ସ୍ଥଗିତ ରଖିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ବ୍ଲକରେ ଅଧିକାରୀ ଭାବେ ଯୋଗଦାନ ପରେ ଜଣେ ପୂର୍ବତନ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଇଙ୍ଗୀତରେ ବିଇଓ ବେଆଇନ ଶିକ୍ଷକ ବଦଳି, ବେଆଇନ ଭାବେ ଶିକ୍ଷକ ଶିକ୍ଷୟିତ୍ରୀଙ୍କଠାରୁ ଅର୍ଥ ଆଦାୟ ଆଦି ପ୍ରସଙ୍ଗକୁ ନେଇ ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ଟିକାୟତପୁର ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ବୀରେନ୍ଦ୍ର ପ୍ରଧାନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସାମାନ୍ୟ କଥାରେ ଆକ୍ରୋଶମୂଳକ ଭାବେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ କରି ଦଲାଲ ଦ୍ୱାରା ଚାନ୍ଦା ଆଦାୟ କରିବା, ଅବସର ଗ୍ରହଣ ପରେ ଅବସର ପରବର୍ତ୍ତୀ ପୂର୍ଣ୍ଣକାଳୀନ ଭତ୍ତା, ୨୦୨୩ ମଇରୁ ମିଳି ନ



ଥିବା ଏମ୍‌ଏସିପି ଏରିୟର, ବଳକା ଛୁଟି (ୟୁଏଲ୍‌ଏସ୍) ବୀରେନ୍ଦ୍ର ପ୍ରଧାନଙ୍କୁ ମିଳି ନ ଥିଲା। ବାରମ୍ବାର ଅଫିସ ଆସି ଗୁହାରି କରି ହତାଶ ହୋଇଥିଲେ ଶ୍ରୀ ପ୍ରଧାନ। ସମସ୍ତ କାର୍ଯ୍ୟ ପାଇଁ ପନ୍ଦର ହଜାର ଟଙ୍କା ମଗାଯିବାରୁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଏକକାଳୀନ ପାଞ୍ଚ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କ ପୂର୍ଣ୍ଣକାଳୀନ ଭତ୍ତା ରାଜ୍ୟ କ୍ରଣ୍ଟ୍ରୋଲରଙ୍କଠାରୁ ଡିସେମ୍ବର ୩୦ ତାରିଖରେ ଅନୁମୋଦିତ ହୋଇ ବଡସାହି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟକୁ ଆସିଥିଲେ ମଧ୍ୟ ଲାଞ୍ଚ ଟଙ୍କା ନ ମିଳିବାରୁ କେବଳ ଶ୍ରୀ ପ୍ରଧାନଙ୍କୁ ଛାଡ଼ି ଅନ୍ୟ ଚାରିଜଣ ଶିକ୍ଷକଙ୍କ ଏନ୍‌ଡିସି ବିଇଓ ପଠାଇଥିଲେ। ଏଥିରେ ମର୍ମାହତ ହୋଇ ବୀରେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ପରାମର୍ଶ କ୍ରମେ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଭେଟି ବଡସାହି ବିଇଓଙ୍କ ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ ସହ ଚଳିତ ମାସ ୨୫ ତାରିଖରୁ ଶାନ୍ତିପୂର୍ଣ୍ଣ ଧାରଣା ଡାକରା ଦେଇଥିଲେ। ଧାରଣାରତ ଶିକ୍ଷକଙ୍କ ଦାବି ନ୍ୟାଯ୍ୟ ବୋଲି ଉପଲବ୍ଧି କରି ଦ୍ୱିତୀୟ ଦିବସରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଧାରଣାସ୍ଥଳରେ ଉପସ୍ଥିତ ହୋଇଥିଲେ ମାଜିଷ୍ଟ୍ରେଟ କ୍ଷମତାଯୁକ୍ତ ବଡସାହି ତହସିଲଦାର କରୁଣାକର ଧୀନ୍ଦା ଓ ଥାନାଧିକାରିଣୀ ଶ୍ରୀମତୀ ସ୍ୱର୍ଣ୍ଣଲତା ମିଞ୍ଜ୍। ଦୀର୍ଘ ସମୟ ଅପେକ୍ଷା ପରେ ମଧ୍ୟ ବିଇଓ ଗିରିଙ୍କ ଦେଖା ନ ପାଇ ପରବର୍ତ୍ତୀ ଦିନ ପାଇଁ ସମୟ ନେଇଥିଲା ପ୍ରଶାସନ। ଧାରଣାର ତୃତୀୟ ଦିନରେ ସ୍ଥାନୀୟ ବୁଦ୍ଧିଜୀବୀ, ରାଜନୈତିକ ପଦାଧିକାରୀ, ଲୋକପ୍ରତିନିଧିଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ଉପଦେଷ୍ଟା ଶିବପ୍ରସାଦ ମହାପାତ୍ରଙ୍କ ସହ ସଂଗଠନ ସମ୍ପାଦକ ବଳରାମ ନାଥ ଯୋଗଦାନ କରିଥିଲେ। ବ୍ଲକ ଏନ୍‌ପିଏସ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି କୃପାସିନ୍ଧୁ ବେରା ଓ ବ୍ଲକ ପୁରାତନ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ସଞ୍ଜୟ କୁମାର ଜେନା ଉପସ୍ଥିତ ରହି ସମର୍ଥନ ଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ପ୍ରକାଶ କରମହାପାତ୍ର ଧାରଣା ସ୍ଥଳରେ ପହଞ୍ଚି ଶିକ୍ଷକଙ୍କ ଅସୁବିଧା ବୁଝିବା ସହ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ଥାନୀୟ ବରିଷ୍ଠ ବିଜେପି ନେତା ପ୍ରଭାତ କୁମାର ଜେନା ଧାରଣାସ୍ଥଳରେ ପହଞ୍ଚି ପୀଡ଼ିତଙ୍କ ପାଇଁ ନ୍ୟାୟ ଦାବି କରିଥିଲେ। ବଡସାହି ପଞ୍ଚାୟତ ସମିତି ସଦସ୍ୟା ଶ୍ରୀମତୀ ମାମିନା ମୁର୍ମୁ, ସରପଞ୍ଚ ଶ୍ରୀ ବୁଦ୍ଧି ରାମ ସିଂ ତାଙ୍କ କର୍ମୀଙ୍କ ସହ ଯୋଗଦେଇଥିଲେ। ବଡସାହିର ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଓ ମାନଗୋବିନ୍ଦପୁର ସମିତି ସଭ୍ୟ ଓ ବ୍ଲକ ସଂଘ ସଭାପତି ଶ୍ରୀ ଚନ୍ଦନ ମହାପାତ୍ର ପହଞ୍ଚି ବିଇଓଙ୍କ ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ବିକ୍ଷୋଦ୍‌ଗାର କରିବା ସହ ବିଇଓ ଗିରିଙ୍କୁ ତୁରନ୍ତ ସ୍ଥାନାନ୍ତର ପାଇଁ ଦୃଢ ଦାବି କରିଥିଲେ। ତହସିଲଦାର କରୁଣାକର ଧିନ୍ଦାଙ୍କ ଉପସ୍ଥିତିରେ କାର୍ଯ୍ୟରତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିରାମ ନାଏକ ବିଇଓଙ୍କ ପ୍ରତିନିଧି ରୂପେ ଆଗାମୀ ସାତଦିନ ମଧ୍ୟରେ ବୀରେନ୍ଦ୍ର ପ୍ରଧାନଙ୍କୁ ନ୍ୟାୟ ମିଳିବା ଲିଖିତ ପ୍ରତିଶ୍ରୁତି ଦେବା ପରେ ଶ୍ରୀ ପ୍ରଧାନ ଧାରଣା ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲେ।

# ଗୁଡ଼ିଆଳବନ୍ଧ ହାଇସ୍କୁଲର ବାର୍ଷିକ ଉତ୍ସବ



**ସାନକେରକୋ, ୩୦।୧(ସମିସ):** ବଡ଼ସାହି ବ୍ଲକ ଅନ୍ତର୍ଗତ ଗୁଡ଼ିଆଳବନ୍ଧ ହାଇସ୍କୁଲର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଇତିଶ୍ରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମପିସି ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରିନ୍ସପାଲ ଡଃ ବନଜା ମହାନ୍ତି, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ସଞ୍ଜୟ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ଏଲ.କେ. ମହାବିଦ୍ୟାଳୟ ବାଙ୍ଗିରିପୋଷୀର ଅବସରପ୍ରାପ୍ତ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର, ବୀରେଶ୍ୱରପୁର ସରକାରୀ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ କାସ୍ତ, କବି ଗୋପାଳ ସାଉ ଯୋଗଦେଇଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଉପଳ ଭଦ୍ର ଅତିଥି ପରିଚୟ, ଶିକ୍ଷକ ମଞ୍ଜିତ ମହାନ୍ତ ବାର୍ଷିକ ବିବରଣୀ ପାଠ ଏବଂ ଶିକ୍ଷକ ଜ୍ଞାନରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁମିତ୍ରା ଗିରି, ସଲମା ହାଁସଦା, ରତ୍ନପର୍ଣ୍ଣା ମଲ୍ଲିକ, ପୁଷ୍ପାଞ୍ଜଳି ବେହେରା, ପ୍ରିୟଦର୍ଶିନୀ ମହାନ୍ତ, ଶଙ୍କର ମାରାଣ୍ଡି, ସଞ୍ଜୟ କୁମାର ଷଡଙ୍ଗୀ, କର୍ମଚାରୀ ହରିଶ୍ଚନ୍ଦ୍ର ମହାନ୍ତ ଏବଂ କଳ୍ପନା ବିନ୍ଧାଣି ସହଯୋଗ କରିଥିଲେ।

